
ଧରିତ୍ରୀ
DHARITRI
February 4-10, 2024 ₹ 2/-
ଧରିତ୍ରୀ DHARITRI 50 Years
ଛୁଟିଦିନ

# ମଣିଷ ପରି, ମଣିଷ ନୁହେଁ

ଚଳଚ୍ଚିତ୍ରରେ ଦେଖିଥିବେ ମଣିଷ ଓ ରୋବୋର ପ୍ରେମ କାହାଣୀ। ପୁଣି ଦେଖିଥିବେ ମାନବରୂପୀ ରୋବୋର ମାନବ ସମାଜକୁ ଧ୍ୱଂସ କରୁଥିବାର ଦୃଶ୍ୟ। ତେବେ ବାସ୍ତବ ଜୀବନରେ ଏସବୁ କ'ଣ ସମ୍ଭବ? ସତରେ କ'ଣ ଏଆଇ ହ୍ୟୁମାନୋଏଡ ରୋବୋ ନେଇପାରେ ମଣିଷର ସ୍ଥାନ, ଅବା କରିପାରେ ମାନବ ସମାଜର ବିନାଶ। ସାରା ପୃଥିବୀରେ ଥିବା କିଛି ଏଆଇ ହ୍ୟୁମାନୋଏଡ ରୋବୋ ବିଷୟରେ ଜାଣିଲେ ଏସବୁ ଭାବିବାକୁ ବାଧ୍ୟ ହେବେ ..

ପ୍ରଚ୍ଛଦ ପ୍ରସଙ୍ଗ

୩



## ଶୌଚାଳୟ କେଉଁଠି କରିବେ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ କିମ୍ବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ କରିବା ଶୁଭ ହୋଇଥାଏ। ଏହାଦ୍ୱାରା ଘର ଉପରେ ଅନେକ ସୁ-ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଅନ୍ୟ କୌଣସି ଦିଗରେ ଶୌଚାଳୟ କଲେ କ'ଣ ସବୁ ସମସ୍ୟା ଦେଖାଯାଇଥାଏ ଜାଣନ୍ତୁ ସେ ସମ୍ପର୍କରେ...



✲ ଘରର ପୂର୍ବ ଦିଗରେ ଶୌଚାଳୟ କଲେ ପରିବାର ସଦସ୍ୟଙ୍କୁ ସର୍ବଦା ଥକ୍ୟାପଣ ଅନୁଭବ ହୋଇଥାଏ। ତା'ସହିତ ସମ୍ପର୍କରେ ଫାଟ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଥାଏ ବୋଲି ବିଶ୍ୱାସ କରାଯାଏ।

✲ ଦକ୍ଷିଣ ଦିଗ ହେଉ ଅବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ଗଢିହେବ କିନ୍ତୁ ପଶ୍ଚିମ ଦିଗରେ ଶୌଚାଳୟ ରହିବା ଆଦୌ ଶୁଭ ନୁହେଁ। ଏହାଦ୍ୱାରା ଘରେ ଅଶାନ୍ତି ଉପୁଜିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ସେହିପରି ଉତ୍ତର ଦିଗରେ ଶୌଚାଳୟ ରହିବା ଠିକ୍ ନୁହେଁ। କୁହାଯାଏ, ଏହି ଦିଗରେ ଶୌଚାଳୟ ରହିଲେ ଘରର ସଦସ୍ୟଙ୍କ ରୋଜଗାର ଉପରେ କୁ-ପ୍ରଭାବ ପଡିଥାଏ। ଧନହାନି ହେବାର ଆଶଙ୍କା ଦେଖାଯାଇଥାଏ।

✲ ଶୌଚାଳୟ ପାଇଁ ଉତ୍ତର-ପୂର୍ବ କୋଣ ମଧ୍ୟ ଠିକ୍ ନୁହେଁ। ଏହାର ପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଅନ୍ୟପକ୍ଷେ ଶୌଚାଳୟକୁ କେବେ ବି ରୋଷେଇ ଘରର ସମ୍ମୁଖରେ କରିବା ଠିକ୍ ନୁହେଁ। ଏହାଦ୍ୱାରା ଘରେ ଅଭାବ ଅନଟନ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୪-୧୦

**ମେଷ**



ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଦୁଃଶ୍ଚିନ୍ତା, ବିବାଦୀୟସ୍ଥିତି ଉପୁଜିବ, ସ୍ତ୍ରୀଙ୍କ ସହମତାନ୍ତର, ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି, ଆଧ୍ୟାତ୍ମିକତା ଆଡ଼କୁ ରୁଚି, ଉଚ୍ଚସ୍ତରରେ ସମ୍ପର୍କ,ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହ, କାମ ଅଟକି ରହିବ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି ।।

**ବୃଷ**



କର୍ମଜଞ୍ଜାଳ ବୃଦ୍ଧି, ପ୍ରିୟଜନଙ୍କ ସାନ୍ନିଧ, ବିବାଦୀୟ ସ୍ଥିତି ଦୂର ହେବ, କରଜଦାତାଙ୍କ ଚାପ ବଢ଼ିବ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ନୂତନ ମିତ୍ରତା ସୃଷ୍ଟି, ମନୋରଞ୍ଜନରେ ରୁଚି, କ୍ରୀଡ଼ା ପ୍ରତିଯୋଗିତାର ସୁଯୋଗ, ବ୍ୟବସାୟରେ ଉନ୍ନତି ।।

**ମିଥୁନ**



ବୈଷୟିକ ଅଭିବୃଦ୍ଧି, ବନ୍ଧୁବର୍ଗଙ୍କ ସମାଦର, ବନ୍ଧୁଙ୍କ ସହାନୁଭୂତି, ଯୋଗଶିକ୍ଷାରେ ଆଗ୍ରହ, କର୍ମକ୍ଷେତ୍ରରେ ପଦୋନ୍ନତି, ସଭାସମିତିରେ ସାମିଲ, ଅବସାଦ ଦୂର ହେବ, ପରିବହନରେ ଉନ୍ନତି ।।

**କର୍କଟ**



କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ନୂତନ ଯାନବାହନ କ୍ରୟ, ଯୋଜନାବଦ୍ଧ କାର୍ଯ୍ୟାରମ୍ଭ, ଭୋଗବିଳାସର ସୁଯୋଗ, ପାରିବାରିକ ସହମତିପ୍ରାପ୍ତି, ଋଣଗ୍ରସ୍ତ ହୋଇପାରନ୍ତି, ଶିଳ୍ପ ବାଣିଜ୍ୟରେ ପ୍ରତିବନ୍ଧକ ।।

**ସିଂହ**



ଦୈହିକ ଦୁର୍ବଳତା, ନିର୍ଭରଶୀଳ ରହିବେ, ପଡୋଶୀଙ୍କ ପରାମର୍ଶ, ସନ୍ତାନଙ୍କ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ଅପ୍ରିୟସତ୍ୟରୁ ବିରୋଧ, ଶୁଭକାର୍ଯ୍ୟ ପାଇଁ ଘର ସାଜସଜ୍ଜା, କ୍ରନିକ୍ରୋଗରେ ପୀଡା ବୃଦ୍ଧି, ମିଥ୍ୟାଭିଯୋଗ ଆସିପାରେ ।।

**କନ୍ୟା**



ପ୍ରତିବନ୍ଧକ ଦୂରେଇଯିବ, ବନ୍ଧୁବତ୍ସଳ ହେବେ, ଆର୍ଥିକ ଅଭିବୃଦ୍ଧି, ନୂତନ ଯୋଜନାରମ୍ଭ, ଶିଳ୍ପବାଣିଜ୍ୟରେ କ୍ଷତି, ଲୋକସମ୍ପର୍କ ବୃଦ୍ଧି, ଆଶଙ୍କା ଦୂର ହେବ, ପ୍ରତିରୋଧର ସମ୍ଭାବନା, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ଅନତିଦୂର ଯାତ୍ରା, ବସ୍ତ୍ରାଳଙ୍କାର ଲାଭ ।।

**ତୁଳା**



ସମୟାନୁବର୍ତ୍ତିତାରୁ ପ୍ରଶଂସା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ଅର୍ଥସମ୍ମାନ ଲାଭ, ସହକର୍ମୀଙ୍କ ଅପପ୍ରଚାର, ବିବାଦୀୟ ପରିସ୍ଥିତି ସୃଷ୍ଟି, ଆନୁଷ୍ଠାନିକ ସମ୍ମାନ ଲାଭ, ଧର୍ମକାର୍ଯ୍ୟରେ ବ୍ୟସ୍ତତା, ମାନସିକ ଅସ୍ଥିରତା, ସାହିତ୍ୟସଙ୍ଗୀତରେ ଅନୁରାଗ ।।

**ବିଛା**



ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଗୁରୁଜନଙ୍କ ପ୍ରେରଣା, ଅସ୍ଥିରତା ଦୂର ହେବ, ଦେବଦର୍ଶନର ସୁଯୋଗ, ବନ୍ଧୁଙ୍କ କାମରେ ଅସନ୍ତୁଷ୍ଟ, ପ୍ରାପ୍ୟଧନରେ ବାଧା, ସହନଶୀଳତାରୁ ପ୍ରଶଂସା, ଶୁଭକାର୍ଯ୍ୟରେ ଯୋଗ ଦେବେ, ଦୂରଯାତ୍ରାର ସୁଯୋଗ ।।

**ଧନୁ**



ନୂତନସମ୍ପର୍କ ସୃଷ୍ଟି, ଦୈହିକଦୁର୍ବଳତା, ସଭାସମିତିକୁ ନିମନ୍ତ୍ରଣ, ବନ୍ଧୁଙ୍କ ଅଭିମାନ, ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଭୁଲ୍ ବୁଝାମଣା ଦୂର ହେବ, ପାଖପଡୋଶୀଙ୍କ ସାହାଯ୍ୟ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ପ୍ରକାଶନରେ ବିଳମ୍ବ।

**ମକର**



ସ୍ଥଗିତ କାର୍ଯ୍ୟାରମ୍ଭ, ଆର୍ଥିକ ଅନଟନ, ପରିସ୍ଥିତିକୁ ସଜାଡିବେ, କଚେରୀ ମାମଲାରେ ବିଳମ୍ବ, ଉଚ୍ଚବର୍ଗଙ୍କ ସହଯୋଗ, ବାଣିଜ୍ୟ ବ୍ୟବସାୟରେ ଲାଭ, ପୂର୍ବବିବାଦର ଅବସାନ, ପରିବାରରେ ଶାନ୍ତି, ନୀତିଗତ କାମରୁ ପ୍ରଶଂସା, ଧାରସୂତ୍ରରେ ଅର୍ଥ ଲାଭ, ସ୍ନାୟବିକ ଦୁର୍ବଳତା ।

**କୁମ୍ଭ**



କାର୍ଯ୍ୟସିଦ୍ଧିରେ ବିଳମ୍ବ, ସମାଲୋଚିତ ହୋଇପାରନ୍ତି, ଆତ୍ମୀୟଙ୍କ ଅସହଯୋଗ, ଧାର କରଜ କରିବେ, ଯାନବାହନରେ ସମସ୍ୟା, କାମଟି ଅସମ୍ପୂର୍ଣ୍ଣ ରହିଯିବ, ଗୃହସୀମା ବିବାଦ, ସ୍ତ୍ରୀଙ୍କ ସୁପରାମର୍ଶ, ଧର୍ମକାର୍ଯ୍ୟ କରିବେ ।।

**ମୀନ**



କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସତ୍ୟପ୍ରକାଶରୁ ସମସ୍ୟା, ଭ୍ରାତୃସମ୍ପର୍କରେ ଅବନତି, ନୂତନ ଯାନବାହନ କ୍ରୟ, ନିର୍ମାଣରେ ପ୍ରତିବନ୍ଧକ, ପୁରାଣପଠନରେ ଆଗ୍ରହ, ଆନୁଷ୍ଠାନିକ କର୍ମାରମ୍ଭ, ନୃତ୍ୟସଙ୍ଗୀତରେ ପାରଦର୍ଶିତା, ଭ୍ରମଣ ସୁଯୋଗ ପାଇବେ, ଦୂରଯାତ୍ରାରେ ଲକ୍ଷ୍ୟପୂରଣ ।।

# ରୁଦ୍ରାକ୍ଷ ଧାରଣ କେତେ ଉପକାରୀ!



ବିଶ୍ୱାସ ରହିଛି ଯେ, ଯେଉଁ ବ୍ୟକ୍ତି ଶରୀରରେ ରୁଦ୍ରାକ୍ଷ ଧାରଣ କରିଥାନ୍ତି ତାଙ୍କୁ ଦେବ ଦେବ ମହାଦେବଙ୍କର କରୁଣା ପ୍ରାପ୍ତି ହେବା ସହ ଐଶ୍ୱର୍ଯ୍ୟ ଲାଭ ହୋଇଥାଏ। ତେବେ କେବଳ ଧାର୍ମିକ ଆସ୍ଥା ନୁହେଁ, ବୈଜ୍ଞାନିକମାନେ ବି ଶରୀରରେ ରୁଦ୍ରାକ୍ଷ ଧାରଣ କରିବା ଉତ୍ତମ ବୋଲି ମତ ଦେଉଥାନ୍ତି। ନିକଟ ଅତୀତରେ ଫ୍ଲୋରିଡ଼ା ଇଣ୍ଟର ନ୍ୟାସନାଲ୍ ୟୁନିଭର୍ସିଟିର କେତେଜଣ ବୈଜ୍ଞାନିକ କହିଛନ୍ତି, ଚାପଗ୍ରସ୍ତ ଜୀବନଶୈଳୀ ଲୋକଙ୍କୁ ରୋଗାଗ୍ରସ୍ତ କରିଦିଏ। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ; ମସ୍ତିଷ୍କ ସ୍ଥିର ରହିବା ସହ ବ୍ୟକ୍ତିଙ୍କ ହୃଦୟ ଓ ଇନ୍ଦ୍ରିୟ ଉପରେ ଅନେକ ସୁପ୍ରଭାବ ପଡିଥାଏ। ଯଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ। ସେହିପରି ଶରୀରରେ ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରାଇବାରେ ବି ରୁଦ୍ରାକ୍ଷର ଅନେକ ଭୂମିକା ରହିଥାଏ। ଅନ୍ୟପକ୍ଷେ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ ଏହା ଆମ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ଏବଂ ମନକୁ ଶାନ୍ତ ରଖିବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। କୁହାଯାଏ, ଆମେ ଯେବେ ଶାରୀରିକ ଅବା ମାନସିକ ସ୍ତରରେ ଚାପଗ୍ରସ୍ତ ହେଉ, ସେବେ ଶରୀରରୁ ଅଧିକ ଉର୍ଜ୍ଜା ଉତ୍ପନ୍ନ ହୁଏ। ଆଉ ଏହି ଉର୍ଜ୍ଜାକୁ ଶୀଘ୍ର ନଷ୍ଟ ନ କଲେ, ଏହା ରକ୍ତଚାପ ଏବଂ ଚିନ୍ତା ତଥା ଅବସାଦ ଜନିତ ସମସ୍ୟାକୁ ଅଧିକ ବଢାଇ ଦେଇଥାଏ। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷର ମାଳା ପିନ୍ଧିଲେ ଏହା ଧୀରେ ଧୀରେ ଆମ ଭିତରେ ଥିବା ଖରାପ ଉର୍ଜ୍ଜାକୁ ନଷ୍ଟ କରି ଆମକୁ ମାନସିକ ସ୍ତରରେ ଶାନ୍ତି ପ୍ରଦାନ କରିଥାଏ। ବିଶ୍ୱାସ ରହିଛି, ସୁଧପୂତ ହୋଇ ଶରୀରରେ ରୁଦ୍ରାକ୍ଷ ଧାରଣ କରିବା ଶୁଭଫଳ ଦେଇଥାଏ।

## ପାଠକୀୟ

✲ ଗାନ୍ଧିଜୀ କହିଥିଲେ ଭାରତର ଆତ୍ମା ଗାଁରେ ଅଛି। ଗାଁର ଉନ୍ନତିରେ ଦେଶର ଉନ୍ନତି। ଯାହା ଏବେ ପ୍ରମାଣ କରି ଦେଖେଇଛନ୍ତି ଏହି ସବୁ ଗାଁ। ଶିକ୍ଷା ହେଉ କି ସ୍ୱଚ୍ଛତା ଏପରି କି ରୋଜଗାର କ୍ଷେତ୍ରରେ ବି ଏଇସବୁ ଗାଁ ବେଶ୍ ନାଁ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି; ଯାହାକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ "ଗାଁ ଦେଶରେ ଯା'ର ନାଁ'ଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଛୋଟ ଘର ବି ଲାଗିବ ବଡ଼', 'ଆୟପତ୍ର ଓ ବିଶ୍ୱାସ' ଆଦି ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା।

– ପ୍ରକାଶ ମହାନ୍ତି, ପେଣ୍ଠକଣ୍ଟା, ପୁରୀ

✲ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ "ଗାଁ ଦେଶରେ ଯା'ର ନାଁ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଉପସ୍ଥାପିକା, ଅଭିନେତ୍ରୀ ମଧୁମିତା ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ମନମୋହନ ଆଚାର୍ଯ୍ୟଙ୍କ ଜୀବନୀ ପଢ଼ି ଆଗକୁ ବଢ଼ିବା ପାଇଁ ପ୍ରେରଣା ମିଳିଲା।

– ଚିତ୍ତରଞ୍ଜନ ଦାସ, ଆଳି, କେନ୍ଦ୍ରାପଡ଼ା

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଯାତ୍ରା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। 'ନୈବେଦ୍ୟ', 'କଳାପଟା' ଶୀର୍ଷକ କବିତା ଦୁଇଟି ବି ଭଲ ଲାଗୁଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ସାହିତ୍ୟିକ ବିରଞ୍ଚି ନାରାୟଣ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ବେଶ୍ ରୋମାଣ୍ଟିକ୍ ହୋଇଥିଲା।

– ଜିତେନ ସାହୁ, ସମ୍ବଲପୁର

✲ 'ଶହେ ବର୍ଷ ତଳର ପ୍ରେମ କାହାଣୀ ରାସବିହାରୀ-ତୋଶିକା' ଶୀର୍ଷକ ଆଲେଖ୍ୟଟି ପଢ଼ିବାକୁ ବେଶ୍ ନିଆରା ଲାଗୁଥିଲା। ସାନ୍ଦୀଙ୍କ ମଡେଲ୍ ମିରର୍ ଫଟୋଟି ବି ଆକର୍ଷଣୀୟ ହୋଇଥିଲା। ସହର ପୃଷ୍ଠାରୁ ସାଧାରଣତନ୍ତ୍ର ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଯାଇ ହେବ ତାହା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

– ମୌସୁମୀ ପରିଡ଼ା, ନାଲ୍‌କୋ ନଗର, ଅନୁଗୋଳ

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ଅଶୋକ ସ୍ତମ୍ଭର କଥା' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ତାଲିମ ନ ନେଇ କଲେ ରେକର୍ଡ' ବିଷୟଟି ବି ବେଶ୍ ଅଜବ ଥିଲା ପଢ଼ିବାକୁ। ସେହିପରି ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଘୋଡ଼ାମୁହାଁ ପୁଅ' ଶୀର୍ଷକ ଲେଖାଟି ବେଶ୍ ମନଛୁଆଁ ହେବା ସହ ଶିକ୍ଷଣୀୟ ହୋଇଥିଲା।

– ଶ୍ରୀମୟୀ ପ୍ରଧାନ, ଯାଜପୁର

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ମାର୍ଟ ଜ୍ୟାକେଟ୍', 'କ୍ୟୁବ୍ କୁଇନ୍', 'ମାଇକ୍ରୋୱେଭ ବ୍ୟାଗ୍' ଶୀର୍ଷକ ଲେଖାଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା। ସେହିପରି ହାଃ ହାଃ ବି ମଜାଦାର୍ ଥିଲା।

– ସୁପ୍ରିୟା ଜେନା, ଝାରସୁଗୁଡ଼ା

### ବିଶେଷ ଚିଠି



ଗାଁ ଦେଶରେ ଯା'ର ନାଁ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ଶିଖାଇଲା ନୂଆ ନୂଆ ଭାବ।
ସାଥୀ, ସିନେମା, ସୃଜନ ଓ ସହର
ତା'ସାଙ୍ଗକୁ ପୁଣି ଥିଲା ପ୍ରଥମ ରୋଜଗାର
ଆହୁରି ଭଲ ଲାଗୁଥିଲା ବିବିଧା,
ବ୍ୟାକ୍‌ପେଜ୍
ତେଣୁ ଛୁଟିଦିନ ଲାଗ ତୁମେ ସର୍ବଦା
ସତେଜ।

– ମାନିନୀ ମିଶ୍ର,
ରସୁଲଗଡ଼, ଭୁବନେଶ୍ୱର

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ମଣିଷ ପରି, ମଣିଷ ନୁହେଁ



**ଦେଖିବାକୁ ମଣିଷ ପରି । କଥା ବି କୁହନ୍ତି ମଣିଷ ପରି । ଚେହେରାର ଭାବଭଙ୍ଗୀ ମଧ୍ୟ ମଣିଷ ପରି। ହେଲେ ପ୍ରକୃତରେ ଏମାନେ ମଣିଷ ନୁହନ୍ତି । ବରଂ ଏଆଇ ହ୍ୟୁମାନୋଏଡ ରୋବୋ । ଏମାନଙ୍କ ଭିତରେ ମଣିଷର ଏତେସବୁ ଦକ୍ଷତା ଭରି ରହିଛି ଯେ, ମଣିଷର ସ୍ଥାନ ନେବାରେ ବି ଏମାନେ ସକ୍ଷମ ହୋଇଛନ୍ତି। କେଉଁ ରୋବୋ ନାଗରିକତା ପାଇଛି ତ କିଏ ଚାକିରି କରୁଛି । ଜାଣିବା ସେମିତି କିଛି ଆଡଭାନ୍ସଡ ଏଆଇ ହ୍ୟୁମାନୋଏଡ ରୋବୋ ସମ୍ପର୍କରେ...**



ଜେମିନୋଏଡ ଡିକେ

**ନାଗରିକତା ପାଇଥିବା ରୋବୋ ସୋଫିଆ:** ସାରା ପୃଥିବୀରେ ସେ ଶତାଧିକ କନଫରେନ୍ସରେ ନିଜର ବକ୍ତବ୍ୟ ପ୍ରଦାନ କରିଛି। ଲୋକଙ୍କ ମନରେ ଥିବା ନାନା ପ୍ରଶ୍ନର ଉତ୍ତର ବି ଦେଇଛି। ତା' ଚେହେରାର ହାବଭାବ ଓ ଲୋକଙ୍କ ସହ ଭାବ ଆଦାନ ପ୍ରଦାନର ଶୈଳୀ ସବୁକିଛି ମଣିଷ ପରି। ହେଲେ ପ୍ରକୃତରେ ଏହା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସୋସିଆଲ ହ୍ୟୁମାନୋଏଡ ରୋବୋ, ଯାହାର ନାଁ 'ସୋଫିଆ'। ସମସ୍ତଙ୍କ ହୃଦୟ ଜିଣିପାରିଥିବା ଓ ଏକ ଦେଶର ନାଗରିତା ପାଇଥିବା ସୋଫିଆକୁ ହଂକଂ କମ୍ପାନୀ ହାନସନ୍ ରୋବୋଟିକ୍ସର ଡେଭିଡ ହାନସନ୍ ନିର୍ମାଣ କରିଛନ୍ତି। ସୋଫିଆର ଲୁକ୍ କିଛିଟା ହଲିଉଡ ଅଭିନେତ୍ରୀ ଆଡ୍ରି ହେପବର୍ନ ଏବଂ ପ୍ରାଚୀନ ମିଶରର ରାଣୀ ନେଫରଟିଟିଙ୍କ ପରି କରାଯାଇଛି। ଏହା ମଣିଷ ଚେହେରାର ଭାବଭଙ୍ଗୀକୁ ବୁଝିପାରେ, ତାକୁ ନକଲ କରିପାରେ, ମଣିଷ ପରି କଥାବାର୍ତ୍ତା କରିପାରେ। ତା'ସହ ମଣିଷର ଚେହେରା ତଥା ଲୋକଙ୍କୁ ଚିହ୍ନିବାର କ୍ଷମତା ବି ସୋଫିଆର ଅଛି। ମାନବ ଭିତରେ ପ୍ରେମ ଭାବନା ବି ସେ ଉତ୍ପନ୍ନ କରିପାରେ। ୨୦୧୬, ଫେବୃଆରୀ ୧୪ ତାରିଖ ତଥା ଭାଲେଣ୍ଟାଇନ୍ସ ଡେ'ରେ ଏହାକୁ ଆକ୍ଟିଭ କରାଯାଇଥିଲା। ମାର୍ଚ୍ଚ ୨୦୧୬ରେ ଟେକ୍ସାସ୍ ସହରରେ ପ୍ରଥମ କରି ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଏହି ରୋବୋ ୫୦ରୁ ଊର୍ଦ୍ଧ୍ୱ ଚେହେରାର ଭାବ ପ୍ରଦର୍ଶିତ କରିବାରେ ସକ୍ଷମ। ସୋଫିଆ ମଧ୍ୟରେ ନ୍ୟୁରାଲ ନେଟୱର୍କ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅନ୍ତଃସ୍ଥାପିତ କରାଯାଇଛି। ତେଣୁ ଏଆଇ ମୋଡ୍‌ରେ ସେ ନିଜେ ନିଜକୁ ପରିଚାଳିତ କରିପାରେ। ଏହାକୁ ଏଭଳି ଭାବେ ପ୍ରୋଗ୍ରାମ କରାଯାଇଛି ଯେ, ଏହା ଲୋକଙ୍କ ସହ ବହୁତ ଭଲଭାବେ ଭାବର ଆଦାନପ୍ରଦାନ କରିପାରେ। ଫଳରେ ସେ ସାରା ପୃଥିବୀର ନାନା କନଫରେନ୍ସରେ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଛି। ପୃଥିବୀର ପ୍ରାୟ ସବୁ ଗଣମାଧ୍ୟମ ସୋଫିଆର ଇଣ୍ଟରଭ୍ୟୁ ନେଇଛନ୍ତି। ବଡ଼ ବଡ଼ ହାଇପ୍ରୋଫାଇଲ ଇଣ୍ଟରଭ୍ୟୁରେ ସୋଫିଆ ଚମତ୍କାର ଉତ୍ତର ଦେଇ ସମସ୍ତଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ସୋଫିଆ ମେଣ୍ଟାଲ ଥେରାପି ଦେବାରେ ବି ସକ୍ଷମ। ତେଣୁ କରୋନା ସମୟରେ ରୋଗୀଙ୍କ ସହ କଥା ବାର୍ତ୍ତା କରି ସଂକ୍ରମିତ ବ୍ୟକ୍ତିଙ୍କ ଏକୁଟିଆପଣକୁ ଦୂର କରିପାରିବ ବୋଲି କମ୍ପାନୀ ଏହାର ଉତ୍ପାଦନ ବଢ଼ାଇ କିଛି ହସ୍ପିଟାଲକୁ ଦେବାର ଯୋଜନା ବି କରିଥିଲା। ଯଦ୍ୱାରା ସମାଜଠୁ ଦୂରରେ ଥିବା ରୋଗୀଙ୍କ ଏକଲାପଣ, ଚାପ ଓ ଅବସାଦକୁ ସେ ଦୂର କରିପାରିବ। ସ୍ୱାସ୍ଥ୍ୟକର୍ମୀଙ୍କ ପରି ରୋଗୀଙ୍କ ସେବା ବି ଦେଇପାରିବ। ସୋଫିଆ ଭଲ ପେଣ୍ଟିଂ କରିପାରେ, ଶିକ୍ଷା ଉଦ୍ୟୋଗରେ ବି ସହାୟତା କରିପାରେ। ୨୦୨୧ରେ ସୋଫିଆ ତିଆରି କରିଥିବା ଏକ ସେଲ୍ଫ ପୋର୍ଟ୍ରେଟ୍ ନିଲାମୀରେ ୭,୦୦୦୦୦ ଡଲାରରେ ବିକ୍ରି ହୋଇଥିଲା। ତେବେ ସୋଫିଆକୁ ନେଇ ବିବାଦ ବି କିଛି କମ୍ ନାହିଁ। ଯେମିତିକି ୨୦୧୬ରେ ସୋଫିଆର ନିର୍ମାତା ଏହାକୁ ପ୍ରଦର୍ଶିତ କରି ଡେମୋ ଦେଖାଇବାବେଳେ ତାକୁ ଏକ ପ୍ରଶ୍ନ କରିଥିଲେ ଯେ, ତୁମେ କ'ଣ ମାନବ ସମାଜକୁ ନଷ୍ଟ କରିବାକୁ ଚାହଁ? ତେବେ ଆଶ୍ଚର୍ଯ୍ୟର କଥା ସୋଫିଆ ଏହାର ଉତ୍ତରରେ କହିଥିଲା– ଠିକ୍ ଅଛି, ମୁଁ ମଣିଷଙ୍କୁ ନଷ୍ଟ କରିଦେବି। ଯାହାକୁ ନେଇ ସେତେବେଳେ ଅନେକ ବିବାଦ ହୋଇଥିଲା। ସେ ଯାହା ବି ହେଉ ୨୦୧୭, ଅକ୍ଟୋବରରେ ସାଉଦି ଆରବ ସୋଫିଆକୁ ନାଗରିକତା ପ୍ରଦାନ କରିଛି। ସୋଫିଆ ହେଉଛି କୌଣସି ଦେଶର ନାଗରିକତା ପାଇଥିବା ପୃଥିବୀର ଏକମାତ୍ର ରୋବୋ। ସୋଫିଆ ମୁମ୍ବାଇରେ ଆୟୋଜନ ହୋଇଥିବା ଏସିଆର ସବୁଠୁ ବଡ଼ ଟେକ୍ ଫେଷ୍ଟରେ ବି ସାମିଲ ହୋଇଥିଲା। ଏହିଦିନ ସୋଫିଆ ଶାଢ଼ି ପିନ୍ଧି ପୂରା ଭାରତୀୟ ମହିଳା ଲୁକ୍‌ରେ ଥିଲା। ଆଉ ସେ 'ନମସ୍ତେ' କହି ନିଜର ବକ୍ତବ୍ୟ ଆରମ୍ଭ କରିଥିଲା। ସେହିଦିନ ସେ ୧୫ ମିନିଟ ବକ୍ତବ୍ୟ ଦେବା ସହ ଲୋକଙ୍କ ପ୍ରଶ୍ନର ଉତ୍ତର ବି ଦେଇଥିଲା। ସୋଫିଆର ଫେସ୍‌ବୁକ୍, ଟୁଇଟର୍ ଭଳି ସୋସିଆଲ ମିଡିଆରେ ଆକାଉଣ୍ଟ ଓ ନିଜର ଏକ ୱେବସାଇଟ୍ ବି ଅଛି।

**ଦାଢ଼ିଥିବା ରୋବୋ ଜେମିନୋଏଡ ଡିକେ:** ବାଦାମୀ ଆଖିକୁ ଫ୍ରେଞ୍ଚ କଟ୍ ଦାଢ଼ି। ତା'ସାଙ୍ଗ ସୁନ୍ଦର ହେୟାର ଷ୍ଟାଇଲ୍। ଦେଖିବାକୁ ପୂରାପୂରି ହ୍ୟାଣ୍ଡସମ୍ ମ୍ୟାନ୍ ପରି। ପ୍ରଥମ ଦେଖାରେ ପସନ୍ଦ କଲାଭଳି ପର୍ସନାଲିଟି। ହେଲେ ବାସ୍ତବିକ କଥା ଜାଣିଲେ ମୁଣ୍ଡ ଘୂରେଇଯିବ। କାରଣ ଏହି ହ୍ୟାଣ୍ଡସମ୍ ମ୍ୟାନ ପ୍ରକୃତରେ ଏକ ରୋବୋ, ଯାହାର ନାଁ ଜେମିନୋଏଡ ଡିକେ। ଏହା ୟୁନିଭର୍ସିଟି ଅଫ୍ ଆଲବର୍ଗର ପ୍ର. ହେନେରୀ ସ୍କାର୍ଫଙ୍କର ଏକ ରୋବୋ ମଡେଲ। ଆଉ ଦେଖିବାକୁ ଅବିକଳ ହେନେରୀ ସ୍କାର୍ଫଙ୍କ ପରି। ଜାପାନର ଇଞ୍ଜିନିୟର ହିରୋଶୀ ଇଶୁଗୋରେ ଓ ତାଙ୍କ ଟିମ୍, ରୋବୋ ନିର୍ମାଣକାରୀ କମ୍ପାନୀ କୋକୋରୋ ଏବଂ ହେନେରୀ ଏକତ୍ର ଉକ୍ତ ରୋବୋକୁ ୨୦୧୧ରେ ତିଆରି କରିଛନ୍ତି। ମେଟାଲିକ ସ୍କେଲିଟନ ଉପରେ ସିଲିକନ୍‌ର ଚର୍ମ ତା'ସହ ସତସତିକା କେଶର ୱିଗରେ ବାସ୍ତବ ଲାଗୁଥିବା ଏହି ରୋବୋକୁ ତିଆରି କରିବା ଲାଗି ୯ ମାସ ଲାଗିଥିଲା। ଏହାର ଚେହେରା ଯେ କେବଳ ହେନେରୀଙ୍କ ପରି ତାହା ନୁହେଁ ରୋବୋର ଆଚାର ବ୍ୟବହାର ବି ହେନେରୀଙ୍କ ପରି। ହେନେରୀ ନିଜର କେଶ ବି ଏହି ରୋବୋର ୱିଗ୍ ପାଇଁ ଦେଇଛନ୍ତି। ଏ ହେଉଛି ଚେହେରାରେ ଦାଢ଼ି ଥିବା ପ୍ରଥମ ରୋବୋ। ତେବେ ଜେମିନୋଏଡ୍ ଡିକେ ରୋବୋର ସବୁ ମୁଭ୍‌ମେଣ୍ଟ ଓ ଏକ୍ସପ୍ରେସନ୍ କମ୍ପ୍ୟୁଟର ମାଧ୍ୟମରେ ଜଣେ ବ୍ୟକ୍ତି

→



କୁଙ୍କୋ ଚିହିରା

ସୋଫିଆ



ଜିଆ ଜିଆ

ଅପରେଟ୍ କରନ୍ତି, ଯେକି ମୋଶନ କ୍ୟାପ୍‌ଚର ସିଷ୍ଟମ ବ୍ୟବହାର କରି ଚେହେରାର ଭାବ ଓ ମୁଣ୍ଡର ମୁଭମେଣ୍ଟକୁ ଟ୍ରାକ୍ କରନ୍ତି। ମଣିଷ ଓ ରୋବୋ ମଧ୍ୟସ୍ଥ ପାରସ୍ପରିକ କ୍ରିୟାକୁ ଅଧ୍ୟୟନ କରିବା ଲାଗି ଏହାକୁ ତିଆରି କରାଯାଇଛି। ଖାସ୍‌କରି ରୋବୋ ମଣିଷକୁ ଭେଟିଲେ ମଣିଷର କ'ଣ ପ୍ରତିକ୍ରିୟା ହୁଏ ତାକୁ ଅଧ୍ୟୟନ କରିବା ଲାଗି ଏହାକୁ ତିଆରି କରାଯାଇଛି।

**ସୁପର ରିୟଲିଷ୍ଟିକ ରୋବୋ ଜିଆ ଜିଆ:** ଏଇ ରୋବୋକୁ ଦେଖିଲେ ତ ଯୁବକ ସବୁ ପ୍ରେମରେ ପଡ଼ିଯିବେ। କାରଣ ଏହା ଦେଖିବାକୁ ଜଣେ ସୁନ୍ଦରୀ ଯୁବତୀ ପରି। ସୁନ୍ଦର ପୋଷାକ, ଘଞ୍ଚ ଲମ୍ବା କଳା କେଶ ସାଙ୍ଗକୁ ଆଖି ଲାଖିଗଲା ଭଳି ଚେହେରା ଦେଖିଲେ କିଏ ବା କାହିଁକି ଭାବିବ ଏହା ଏକ ରୋବୋ ବୋଲି। ଏହି ରୋବୋକୁ ଚାଇନାର ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ରିସର୍ଚ୍ଚ ଟିମ୍ ତିଆରି କରିଛନ୍ତି। ସୁନ୍ଦର ଚେହେରା, ସୁନ୍ଦର ଶରୀରର ଗଢ଼ଣ ସାଙ୍ଗକୁ ଏହାର ଜୀବନ୍ତ ଫେସିଆଲ ଏକ୍ସପ୍ରେଶନ ଏହାକୁ ବେଶି ଜୀବନ୍ତ କରାଏ। ଜିଆ ଜିଆ ରୋବୋରେ ଏସବୁ ସମ୍ଭବ ହୋଇଛି ସ୍ପିଚ ଜେନେରେଶନ ଆଲଗୋରିଦମ୍ ଓ ଫେସିଆଲ ରେକଗ୍‌ନିଶନ ଟେକ୍ନୋଲୋଜି ପାଇଁ। କ୍ଲାଉଡ ଟେକ୍ନୋଲୋଜି ଏହାର ସବୁ ଗତିବିଧିକୁ ନିୟନ୍ତ୍ରଣ କରିଥାଏ। ଏହା ହେଉଛି ଚାଇନାର ସୁପର ରିୟଲିଷ୍ଟିକ ରୋବୋ। ଏହା ମଣିଷଙ୍କ ସହ ସିଧାସଳଖ କଥାବାର୍ତ୍ତା କରିପାରେ। ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦେଇପାରେ। ଥରେ ପ୍ରେସ୍ କନଫରେନ୍ସ ସମୟରେ ଜଣେ ଫଟୋଗ୍ରାଫର ବହୁତ ପାଖରୁ ଜିଆ ଜିଆର ଫଟୋ ଉଠାଉଥିବାରୁ ସେ କହିଥିଲା– 'ଫଟୋ ଉଠାଇବାବେଳେ ମୋର ବେଶି ପାଖକୁ ଆସନ୍ତୁ ନାହିଁ। ମୋ ଚେହେରା ବେଶି ମୋଟା ଦେଖାଯିବ।' ଏଥିରୁ ଅନୁମାନ କରିହେବ ଯେ ଉକ୍ତ ରୋବୋ କେତେ ଆଡଭାନ୍ସଡ। ଜିଆ ଜିଆର ଆଖି ମୁଭମେଣ୍ଟ ବହୁତ ଭଲ। ତା'ସହ କଥା କହିବାନୁଯାୟୀ ତା'ର ଓଠର ପରଫେକ୍ଟ ମୁଭମେଣ୍ଟ ବି ହୋଇଥାଏ। ଜିଆ ଜିଆକୁ ତିଆରି କରିବା ପାଇଁ ତିନି ବର୍ଷ ସମୟ ଲାଗିଥିଲା। ଏହାକୁ ତିଆରି କରିଥିବା ଟିମ୍ ଏହାର ଏକ ଡେଭଲପ୍‌ଡ ଭର୍ସନ ଜିଆ ଜିଆ ୨.୦ ଆଣିବାକୁ ବି ଚେଷ୍ଟା କରୁଛନ୍ତି, ଯେକି ହସିବା ସହ କାନ୍ଦି ମଧ୍ୟ ପାରୁଥିବ।

**ଭାବବ୍ୟକ୍ତ କରୁଥିବା ରୋବୋ ଆମେକା:** କର୍ନୱାଲ୍‌ର ରୋବୋଟିକ୍ସ କମ୍ପାନୀ ଇଞ୍ଜିନିୟରଡ ଆର୍ଟସ୍ ଏହି ହ୍ୟୁମାନୋଏଡ ରୋବୋକୁ ତିଆରି କରିଛି। ଏହାର ବାଇନୋକୁଲାର ଆଇ ମାଉଣ୍ଟେଡ କ୍ୟାମେରା ଓ ବାଇନୌରାଲ ଇୟରମାଉଣ୍ଟେଡ ମାଇକ୍ରୋଫୋନ୍ ରୋବୋକୁ ଦେଖିବା, ଶୁଣିବା, ଚେହେରା ଚିହ୍ନିବା, ଭାବ ଓ ସ୍ୱରକୁ ଚିହ୍ନିବାରେ ସାହାଯ୍ୟ କରିଥାଏ। ଆମେକା ନିଜର ମୁଣ୍ଡ, ବେକ, ହାତ, ବାହୁ, ଚେହେରା ଏଭଳିଭାବେ ହଲାଇପାରେ ଯେ, ତାହା ସତସତିକା ମଣିଷ ପରି ଲାଗେ। ଏମିତିକି ଆମେକା ଆଖି ପତା ବି ମିଟ୍‌ମିଟ୍ କରିପାରେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରି ଏହାକୁ ତିଆରି କରାଯାଇଥିବାରୁ ଏହା ମଣିଷ ପରି ମୁଭମେଣ୍ଟ କରେ, କଥା କହେ ଓ ରାଗଠୁ ଆରମ୍ଭ କରି ଖୁସି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଭାବ ପ୍ରକାଶ କରିପାରେ। ଇଞ୍ଜିନିୟରର୍ଡ ଆର୍ଟ ଅନୁଯାୟୀ ଏହାକୁ ରିସେପ୍ସନରେ ଅଭିନନ୍ଦନ ଜ୍ଞାପନ କରିବା, ପ୍ରଡକ୍ଟ ଟେଷ୍ଟିଂ ଲାବ୍ ଆଦିରେ ବ୍ୟବହାର କରିହେବ।

**ଗ୍ରାହକ ସେବା ଏଜେଣ୍ଟ ନାଦିନ୍ ରୋବୋ:** ଆଖି, ନାକ, କାନଠୁ ଆରମ୍ଭ କରି ହାତ, କେଶ, ଚର୍ମ ସବୁ କିଛି ମଣିଷ ପରି। ନିରିଖେଇ ଦେଖିଲେ ବି ଜାଣି ହେବନି ଯେ, ଏହା ମଣିଷ ନୁହେଁ ରୋବୋ ବୋଲି। ଉକ୍ତ ରୋବୋର ନାଁ ହେଉଛି ନାଦିନ୍। ନାଦିନ୍ ହେଉଛି ତା'ର ସୃଷ୍ଟିକର୍ତ୍ତା ପ୍ର. ନାଦିଆ ମାଗ୍ନେନଟ୍ ଥଲମନ୍‌ଙ୍କର ଏକ ରୋବୋ ମଡେଲ। ଆଉ ଦେଖିବାକୁ ଅବିକଳ ପ୍ର. ନାଦିଆଙ୍କ ପରି। ତେଣୁ ଯେ କେହି ନାଦିନ୍‌କୁ ନାଦିଆଙ୍କ ଯାଆଁଳା ଭାବି ନେବେ। ହେଲେ ନାଦିନ୍ ଏକ ସୋସିଆଲ ରୋବୋ। ଅର୍ଥାତ୍ ନାଦିନ୍ କାହା ସହିତ ଦେଖା ହେଲେ ଅଭିନନ୍ଦନ ଜଣାଇଥାଏ, ଆଖି ସହ ଆଖି ମିଶାଇ କଥା ବି ହୁଏ। କଥାହେବାବେଳେ ଆଖି ଓ ଅଙ୍ଗଭଙ୍ଗୀରେ ତା'ର ଭାବ ବ୍ୟକ୍ତ ହୁଏ। ଆଉ ଯାହା ବି ବାର୍ତ୍ତାଳାପ ହୁଏ ତାକୁ ସେ ମନେ ରଖେ। ତା'ସହ ପଚରାଯାଉଥିବା ପ୍ରଶ୍ନର ସେ ବିଭିନ୍ନ ଭାଷାରେ ଉତ୍ତର ଦେବାରେ ବି ସେ ସକ୍ଷମ। କେବଳ ସେତିକି ନୁହେଁ ପୂର୍ବରୁ ଦେଖା ହୋଇଥିବା ଲୋକଙ୍କୁ ପରେ ଭେଟିଲେ ବି ସେ ଚିହ୍ନି ପାରେ। ସେହି ବ୍ୟକ୍ତି ସମ୍ବନ୍ଧିତ ସବୁ ତଥ୍ୟ ଓ ଘଟଣା ମନେ ରଖିପାରେ। ଏହି ସବୁ ବିଶେଷତ୍ୱ ପାଇଁ ନାଦିନ୍ ସିଙ୍ଗାପୁରର ଏକ ଏଆଇଏ ବୀମା କମ୍ପାନୀରେ ଗ୍ରାହକ ସେବା ଏଜେଣ୍ଟ ଭାବେ କାମ ବି କରିଛି। ଫଳରେ ସେ ଗ୍ରାହକ ସେବା ଏଜେଣ୍ଟ ଭାବେ କାମ କରିଥିବା ପୃଥିବୀର ପ୍ରଥମ ରୋବୋ ଭାବେ ବେଶ୍ ପରିଚିତ। ୨୦୧୩ରେ ଜାପାନର କୋକୋରୋ କମ୍ପାନୀ ଦ୍ୱାରା ନାଦିନ୍ ନିର୍ମିତ ହୋଇଥିଲା। ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜି ୟୁନିଭର୍ସିଟିର ଇନ୍‌ଷ୍ଟିଚ୍ୟୁଟ ଫର ମିଡିଆ ଇନୋଭେଶନ୍‌ରେ ବିକଶିତ କରାଯାଇଥିବା ନାଦିନ୍‌ର ସଫ୍ଟୱେରରେ ଭାବନାକୁ ଦେଖାଇବା, ସ୍ୱାଭାବିକଭାବେ କହିବା, କିଛି ଇଙ୍ଗିତ ବା ଇଶାରାକୁ ବୁଝିବା ସହ ଘଟଣାର ତଥ୍ୟକୁ ମନେରଖିବାର କ୍ଷମତା ଅଛି। ଏହାକୁ ପୃଥିବୀର ସବୁଠାରୁ ଅଧିକ ବାସ୍ତବ ଲାଗୁଥିବା ହ୍ୟୁମାନୋଏଡ ରୋବୋ ଭାବେ ଗଣନା କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜି ୟୁନିଭର୍ସିଟିକୁ ଗସ୍ତ କଲାବେଳେ ନାଦିନ୍ ସହ କଥାବାର୍ତ୍ତା ବି ହୋଇଥିଲେ।

**ଜୁଙ୍କୋ ଚିହିରା ରୋବୋ:** ୫ ଫୁଟ୍ ୫ ଇଞ୍ଚ ଉଚ୍ଚତାର ଏହି ରୋବୋ ଦେଖିବାକୁ ୨୬ ବର୍ଷୀୟା ଜାପାନୀ ମହିଳା ପରି। ବେଶ୍ ବାସ୍ତବ ଲାଗୁଥିବା ଏହି ରୋବୋ ଏକ ଆଣ୍ଡ୍ରୋଏଡ ରୋବୋ, ଯାହାକୁ ତୋଶିବା କମ୍ପାନୀ ତିଆରି କରିଛି। ଟୋକିଓର ଟୁରିଷ୍ଟ ଇନଫର୍ମେସନ୍ ସେଣ୍ଟରରେ ଏହା ଫୁଲ୍ ଟାଇମ୍ କାମ କରୁଛି। ପୂର୍ବରୁ ଏହି ରୋବୋ କେବଳ ସ୍କ୍ରିପ୍ଟେଡ ପ୍ରିସେଟ୍ ସ୍ପିଚ୍ ଦ୍ୱାରା ଭାବର ଆଦାନ ପ୍ରଦାନ କରୁଥିଲା। କିନ୍ତୁ ୨୦୧୭ରେ ଏହା ମଧ୍ୟରେ ସ୍ପିଚ ରିକଗ୍‌ନିସନ୍ କ୍ଷମତା ଦିଆଗଲା। ଏବେ ଏହା ପର୍ଯ୍ୟଟକଙ୍କ ପ୍ରଶ୍ନର ଉତ୍ତର ନିଜେ ଦେଇ ପାରୁଛି। ଏହା ଟୁରିଜମ୍ ଓ ସର୍ଭିସ ଇଣ୍ଡଷ୍ଟ୍ରିରେ କାମ କରିବା ଛଡା ଆଗାମୀ ଦିନରେ ବୟସ୍କ ବ୍ୟକ୍ତିଙ୍କ ହେଲ୍‌ଥ କେୟାର କାମରେ ନିୟୋଜିତ ହେବାର ଯୋଜନା ରହିଛି।

ସବୁ ଉଦ୍ଭାବନର କିଛିଟା ଭଲ ଦିଗ ଥିବାବେଳେ କିଛିଟା ମନ୍ଦ ଦିଗ ଥାଏ, ସେମିତି ଏହି ରୋବୋଗୁଡିକର ମଧ୍ୟ ଉଭୟ ଭଲ ଓ ଖରାପ ଦିଗ ଅଛି। ତେଣୁ ଏହାକୁ ସଠିକଭାବେ ଉପଯୋଗ କରିପାରିଲେ ଏହା ମାନବ ସମାଜ ପାଇଁ ମଙ୍ଗଳକାରୀ ହେବ।


**–ଶିବାନୀ ମହାନ୍ତି**


ଆମେକା


ଜିଆ ଜିଆ

## ଏଆଇ ରୋବୋର ଅପବ୍ୟବହାର ବିପଜ୍ଜନକ ହୋଇପାରେ: ପ୍ରଶାନ୍ତ ସାହୁ, ସାଇବର୍ ଏକ୍ସପର୍ଟ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ତିଆରି ରୋବୋ ଦେଖିବାକୁ ମଣିଷ ପରି। ମଣିଷ ପରି କାମ କରୁଛନ୍ତି, ଭାବ ବି ବ୍ୟକ୍ତ କରୁପାରୁଛନ୍ତି। ହେଲେ ସେମାନେ ମଣିଷ କେବେ ବି ହୋଇ ପାରିବେ ନାହିଁ। ଅତ୍ୟାଧୁନିକ କ୍ୟାମେରା, ସେନ୍ସର, ପ୍ରୋଗ୍ରାମ ଦ୍ୱାରା ଏମାନଙ୍କର ସୃଷ୍ଟି। ଯେଉଁ ଯେଉଁ କାମ କରିବା ଲାଗି ଏମାନଙ୍କୁ ପ୍ରୋଗ୍ରାମିଂ କରାଯାଇଥାଏ ସେମାନେ ସେତିକି କରିପାରନ୍ତି। ତେବେ ଯେମିତି ସବୁ ଉଦ୍ଭାବନର କିଛିଟା ଭଲ ଦିଗ ଥିବାବେଳେ କିଛିଟା ମନ୍ଦ ଦିଗ ଥାଏ, ସେମିତି ଏହି ରୋବୋଗୁଡିକର ମଧ୍ୟ ଉଭୟ ଭଲ ଓ ଖରାପ ଦିଗ ଅଛି। ଯଦି ଏହି ରୋବୋଗୁଡିକୁ ରେସ୍କ୍ୟୁ ଅପରେସନ୍, ଯୁଦ୍ଧ ଆଦିରେ ବ୍ୟବହାର କରାଯାଏ ତେବେ ମାନବସମ୍ବଳର କ୍ଷତି ହୁଏ ନାହିଁ। ଆଉ କାମ ସହଜରେ ହୋଇଯାଏ। କିନ୍ତୁ ଆଜିକାଲି ଦେଖାଯାଉଛି ଏଭଳି ରୋବୋ ନ୍ୟୁଜ ଆଙ୍କର, ରିସେପ୍ସନିଷ୍ଟ, ହୋଟେଲରେ ୱେଟର, ଏଜେଣ୍ଟ, ଶିକ୍ଷକ, ଅଧ୍ୟାପକ ଭାବେ କାମ କରୁଛନ୍ତି। ବିଦେଶରେ ବୟସ୍କ ଲୋକେ ରୋବୋ ରଖୁଥିବା ଦେଖିବାକୁ ମିଳୁଛି। ଯେଉଁମାନେ କି ତାଙ୍କର ସବୁ କାମ କରିଦେଉଛନ୍ତି। ତେଣୁ ନର୍ସଙ୍କର ବି ଆବଶ୍ୟକତା ରହୁନି। ଯନ୍ତ୍ର ହୋଇଥିବାରୁ ଏମାନେ ବିନା ଛୁଟିରେ ଫୁଲ୍ ଟାଇମ୍ କାମ କରିପାରୁଛନ୍ତି। ଫଳରେ ଅନେକ ଲୋକ ଚାକିରି ହରାଉଛନ୍ତି। ଖାସ୍‌କରି ମଧ୍ୟବିତ୍ତ ଲୋକେ ଏଭଳି ରୋବୋ ଦ୍ୱାରା ବେଶି ପ୍ରଭାବିତ ହେଉଛନ୍ତି। ତା'ଛଡ଼ା ଲୋକେ ରୋବୋ ଉପରେ ଯେତେ ନିର୍ଭରଶୀଳ ହେଉଛନ୍ତି ସେମାନେ ସେତିକି ଅଳସୁଆ ବି ହୋଇଯାଉଛନ୍ତି। ଆଜିକାଲି ଏଆଇ ରୋବୋରେ ଏତେ ଇନଫରମେଶନ୍, ଏତେ ଡାଟା ଦିଆଯାଉଛି ଓ ଏତେ ଡେଭଲପ୍‌ଡ ସେନ୍ସର ବ୍ୟବହାର କରାଯାଉଛି ଯେ, ଏହି ରୋବୋଗୁଡିକ ଚେହେରାର ଭାବଭଙ୍ଗୀ ସହ ଯାହା ପଚାରିଲେ ମଣିଷ ଭଳି ଉତ୍ତର ଦେଉଛନ୍ତି। ତେଣୁ ଏଆଇ ରୋବୋ ଅଧିକ ବାସ୍ତବ ଲାଗୁଛି। ଏହାମାନେ ନୁହେଁ ଯେ, ଏହି ରୋବୋ ମାନବ ସମାଜକୁ ନଷ୍ଟ କରିଦେବ। କାରଣ ମଣିଷ ଏହାକୁ ତିଆରି କରିଛି। ଆଉ ମଣିଷ ହିଁ ତାକୁ ନିୟନ୍ତ୍ରଣ କରୁଛି। ତେବେ ଯଦି ରୋବୋକୁ ଭୁଲ୍ କାମ ପାଇଁ ପ୍ରୋଗ୍ରାମ କରାଯାଏ, ଏହାର ଅପବ୍ୟବହାର କରାଯାଏ ତେବେ ଏହା ବିପଜ୍ଜନକ ହୋଇପାରେ। ଯେମିତିକି ଯଦି ଏହାକୁ ମଣିଷର କ୍ଷତି ପହଞ୍ଚାଇବାକୁ ପ୍ରୋଗ୍ରାମ କରାଯାଏ ଅବା ହ୍ୟୁମାନ ବମ୍ ସଜାଇବା ଲାଗି ତିଆରି କରାଯାଏ ତେବେ ଏହା ନିଶ୍ଚିତଭାବେ ସମାଜର କ୍ଷତି ପହଞ୍ଚାଇବ। ନଚେତ ଯେତେ ମଣିଷ ଭଳି ହେଲେ ବି ଏମାନେ ମଣିଷ ସମାଜକୁ କ୍ଷତି ପହଞ୍ଚାଇପାରିବେ ନାହିଁ।


ନାଦିନ୍





# ଇୟର ରିଂ ଫ୍ୟାଶନ୍

ପାରମ୍ପରିକ ପୋଷାକ ସହ ଝୁମ୍‌କା ଷ୍ଟାଇଲ୍ ଚାନ୍ଦ୍‌ବାଲି ଇୟର୍ ରିଂକୁ ଟ୍ରାଏ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେହିପରି ଅକ୍ସିଡାଇଜ୍ଡ ଜୁଏଲେରି ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ତେଣୁ ଚାନ୍ଦ୍‌ବାଲି ଷ୍ଟାଇଲ୍‌ର ଅକ୍ସିଡାଇଜ୍ଡ ଇୟର୍ ରିଂକୁ ଉଭୟ ଟ୍ରାଡିଶନାଲ୍ ହେଉ ଅବା ୱେଷ୍ଟର୍ନ ଆଉଟଫିଟ୍ ସହ ଆରାମରେ ଟ୍ରାଏ କରାଯାଇପାରେ। ଅନ୍ୟପକ୍ଷେ ଚାନ୍ଦ୍‌ବାଲି ଟେମ୍ପଲ୍ ଜୁଏଲେରି ହେଭି ଡିଜାଇନ୍‌ର ହୋଇଥାଏ, ତେଣୁ ଏହାକୁ ହେଭି ୱାର୍କ ବାଲା ପୋଷାକ ସହ ହିଁ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଖାସ୍ କରି ଗୋଲ୍ଡେନ୍ ବର୍ଡରବାଲା ଶାଢ଼ି ହେଉ ଅବା ସାଲୱାର୍ କିମ୍ବା ଲେହେଙ୍ଗା ସହ ଏହାକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ।

✻ **ମଲ୍ଟି କଲର୍ ଇୟର୍ ରିଂ:** ଏହି ଇୟର୍ ରିଂକୁ ଯେକୌଣସି କଲର୍‌ର ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ। ତେଣିକି ସେ ଟ୍ରାଡିଶନାଲ୍ ସାଲୱାର୍ ସୁଟ୍ ହେଉ କିମ୍ବା ଜିନ୍ସ, ଶର୍ଟ୍ସ ଇତ୍ୟାଦି। ଆଜିକାଲି ତ ଗୋଲ୍ଡ, ରୋଜ୍‌ଗୋଲ୍ଡ ତଥା ସିଲ୍‌ଭର କଲରର କମ୍ବିନେଶନକୁ ମିଶାଇ ବେଶ୍ ସୁନ୍ଦର ସୁନ୍ଦର ମଲ୍ଟି କଲର୍ ଇୟର୍ ରିଂ ଆସୁଛି ; ଯାହା ଆକର୍ଷଣୀୟ ଲାଗିବା ସହ ଭାଇବ୍ରାଣ୍ଟ ଲୁକ୍ ଦେଇପାରୁଛି।

✻ **ପାରମ୍ପରିକ ଇୟର୍ ରିଂ:** ସାଧାରଣତଃ ଝୁମ୍‌କା ଓ ପେଣ୍ଡି ପାରମ୍ପରିକ ଇୟର୍ ରିଂରେ ଯାଇଥାଏ। କିନ୍ତୁ ଏହା କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ୍ ହୋଇ ନ ଥାଏ। ଟିକେ ବଡ଼ ସାଇଜର ତଥା ଆକର୍ଷଣୀୟ ଦେଖାଯାଉଥିବା ଝୁମ୍‌କା ହେଉ ଅବା ପେଣ୍ଡି ଷ୍ଟାଇଲ୍ ଇୟର୍ ରିଂକୁ କାଞ୍ଜିବରମ୍ ଶାଢ଼ି କିମ୍ବା ବନାରସୀ ରେଶମ ଶାଢ଼ି ସାଙ୍ଗରେ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ।

ଏହାଛଡ଼ା ଅକ୍ସିଡାଇଜ୍ଡ ତଥା ବ୍ଲାକ୍ ମେଟାଲ୍‌ର ବି ବିଭିନ୍ନ ଡିଜାଇନ୍‌ର ଇୟର୍ ରିଂ ଆସୁଛି ; ଯାହା ଟ୍ରେଣ୍ଡି ଲାଗିବା ସହ ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

✻ **ମଲ୍ଟିଚେନ୍ ଇୟର୍ ରିଂ:** ଏଥିରେ ମୁଖ୍ୟତଃ ଏକାଧିକ ଚେନ୍ ଲାଗିଥିବାରୁ ଏହାର ଏପରି ନାଁ ଦିଆଯାଇଛି। ଖାସ୍ କରି ପୂଜାପାର୍ବଣ ସମୟରେ ଏହି ଷ୍ଟାଇଲ୍‌ର ଇୟର୍ ରିଂକୁ ଟ୍ରାଏ କଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗିଥାଏ। ତା'ଛଡ଼ା ଏହି ଇୟର୍ ରିଂର ବି ଭିନ୍ନ ଭିନ୍ନ ଡିଜାଇନ୍ ରହିଛି। ଯେମିତିକି: ଷ୍ଟୋନ୍ ଖଚିତ ମଲ୍ଟିଚେନ୍ ଇୟର୍ ରିଂ, ରାଉଣ୍ଡ ସେପ୍ ମଲ୍ଟିଚେନ୍ ଇୟର୍ ରିଂ, ଫିଦର୍ ମଲ୍ଟିଚେନ୍ ଇୟର୍ ରିଂ, ମଲ୍ଟି ଷ୍ଟେପ୍ ମଲ୍ଟିଚେନ୍ ଇୟର୍ ରିଂ, ଗୋଲ୍ଡେନ୍ ମଲ୍ଟିଚେନ୍ ଇୟର୍ ରିଂ, ସିଲଭର୍ ମଲ୍ଟିଚେନ୍ ଇୟର୍ ରିଂ, ପର୍ଲଖଚିତ ମଲ୍ଟିଚେନ୍ ଇୟର ରିଂ ଇତ୍ୟାଦି।

✻ : ଧ୍ୟାନ ଦେବେ ଯେବେ ବି ଆପଣ ଷ୍ଟୋନ୍ ଲାଗିଥିବା ମଲ୍ଟିଚେନ୍ ଇୟର୍ ରିଂ ଚୟନ କରୁଛନ୍ତି, ଦେଖିବେ ଇୟର୍ ରିଂର ଚେନ୍‌ଗୁଡ଼ିକ ଯେତେ ସାଦାସିଧା ଦେଖାଯାଉଥିବ ସେତେ ଭଲ। ସେହିପରି ରାଉଣ୍ଡ ସେପ୍ ମଲ୍ଟିଚେନ୍ ଇୟର୍ ରିଂକୁ ପାର୍ଟି, ଫଙ୍କ୍‌ସନ୍‌ରେ ଯିବାବେଳେ ଶାଢି, ଲେହେଙ୍ଗା ଅବା ଗର୍ଜିୟସ୍ ଅନାରକଲି ସହ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ଆକର୍ଷଣୀୟ ଲାଗିଥାଏ। ଅନ୍ୟପକ୍ଷେ ମୋତିଖଚିତ ମଲ୍ଟିଚେନ୍ ଇୟର୍ ରିଂକୁ ଧଳା ରଙ୍ଗର ଶାଢ଼ି ହେଉ ଅବା ସାଲୱାର୍ କିମ୍ବା ଧଳା ରଙ୍ଗର ଟି-ଶାର୍ଟ ସହ ପେୟାର୍ କରି ପିନ୍ଧାଯାଇପାରେ।

✻ **ଚାନ୍ଦ୍‌ବାଲି ଇୟର୍ ରିଂ:** ଏହି ଇୟର୍ ରିଂର ଟ୍ରେଣ୍ଡ କେବେ ବି ପୁରୁଣା ହୁଏ ନାହିଁ। ପାର୍ଟି ୱେର୍ ଶାଢ଼ି ହେଉ ଅବା ଲେହେଙ୍ଗା କିମ୍ବା ଅନାରକଲି ସହିତ ଏହା ବେଶ୍ ଭଲ ମାନିଥାଏ। ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ବି ଏହାକୁ ଟ୍ରାଏ କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳେ। କିନ୍ତୁ ଧ୍ୟାନ ଦେବେ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କେବେ ବି ଅଧିକ ଷ୍ଟୋନ ଲାଗିଥିବା କିମ୍ବା ହେଭି କାମ ହୋଇଥିବା ଚାନ୍ଦ୍‌ବାଲି ଇୟର୍ ରିଂ ପିନ୍ଧିବେ ନାହିଁ। ସିମ୍ପଲ୍ ଷ୍ଟାଇଲ୍‌ର ଇୟର ରିଂ ହିଁ ଏହି ଆଉଟ୍‌ଫିଟ୍‌କୁ ବେଶ୍ ମାନିବ। ଏହାର ମଧ୍ୟ ଅନେକ ଭେରାଇଟି ରହିଛି। ଯେମିତିକି: କୁନ୍ଦନ ଚାନ୍ଦ୍‌ବାଲି, ଝୁମ୍‌କା ଷ୍ଟାଇଲ୍ ଚାନ୍ଦ୍‌ବାଲି, ଅକ୍ସିଡାଇଜ୍ଡ ଚାନ୍ଦ୍‌ବାଲି ଇୟର୍ ରିଂ, ଚାନ୍ଦ୍‌ବାଲି ଟେମ୍ପଲ୍ ଜୁଏଲେରି ଇତ୍ୟାଦି ଅନ୍ୟତମ।

✻ କୁନ୍ଦନ କାମ ହୋଇଥିବା ଚାନ୍ଦ୍‌ବାଲି ଇୟର ରିଂ ଶାଢ଼ି, ଅନାରକଲି ଅବା ଲେହେଙ୍ଗା ସହ ବେଶ୍ ମାନିଥାଏ। ପୂଜାପାର୍ବଣ ସମୟରେ ଗର୍ଜିୟସ୍ ଶାଢ଼ି ହେଉ ଅବା ଯେ କୌଣସି

**ନାରୀର ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷଣୀୟ କରାଇଥାଏ ଇୟର୍ ରିଂ। ସେଥିପାଇଁ ତ ବିଭିନ୍ନ ଡିଜାଇନ୍‌ର ଇୟର୍ ରିଂ ମାର୍କେଟ୍‌ରେ ମିଳେ; ଯାହା ଦେଖିବାକୁ ଆକର୍ଷଣୀୟ ହେବା ସହ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ଦେଇଥାଏ।**









# ଏବେ ବି ନିଜକୁ ଛାତ୍ର ଭାବେ

**ଶିଖିବା କାମ କେବଳ ଶ୍ରେଣୀଗୃହରେ ସୀମିତ ନୁହେଁ, ପ୍ରକୃତ ଶିକ୍ଷା ସମାଜରୁ, ଗାଁ ଗଣ୍ଡାରୁ, ଗବେଷଣାଗାରରୁ, ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ସମସ୍ୟାର ଅନୁଧ୍ୟାନ ସହିତ ସମାଧାନର ବାଟ ଖୋଜିବାରେ ଅସଲ ଶିକ୍ଷାର ଉପଲବ୍ଧି ମିଳିଥାଏ...**










ଗାଁକୁ ଘେରି ରହିଛି ଚିଲିକା, ଅନ୍ୟପଟେ ଗହୀରପାଟ, ଆମ୍ବତୋଟା ଓ ଗୋଟେ ଛୋଟମୁଣ୍ଡିଆ। ଏମିତି ଏକ ପ୍ରାକୃତିକ ପରିବେଶରେ ସକାଳୁ ସନ୍ଧ୍ୟାରେ ସେ ନିଇତି ଦେଖନ୍ତି କେତେ ରଙ୍ଗବେରଙ୍ଗର ପକ୍ଷୀଙ୍କୁ। ଶୁଣନ୍ତି ସେମାନଙ୍କ କାକଳିକୁ, ସାଙ୍ଗମାନଙ୍କ ସହିତ ଚାଲେ ନୀଡ଼ଫେରନ୍ତା ପକ୍ଷୀ, କୂଳଫେରନ୍ତା ଡଲେଇଟଣା ଡଙ୍ଗାକୁ ନେଇ ଅଙ୍କକଷାର ପ୍ରତିଯୋଗିତା। ମାତ୍ର ସେସବୁର ହିସାବକୁ କେବେ କେହି ସାଇତି ରଖିପାରି ନାହାନ୍ତି। କିନ୍ତୁ ଗଣିତକୁ ନେଇ ଖେଳୁଥିବା ସେଦିନର ସେଇ ଛୋଟପିଲାଟି ଆଜି ବି ନିଜକୁ କୁହନ୍ତି ମୁଁ ଜଣେ ଛାତ୍ର। ଏକ ଅଖ୍ୟାତପଲ୍ଲୀରୁ ଯାଇ ଆମେରିକାର ଚିକାଗୋରେ ପ୍ରଶିକ୍ଷଣ ନେଇ ଏବେ ସେ ଜଣେ ଅଧ୍ୟାପକ। ଗଣିତ ଓ ପରିସଂଖ୍ୟାନ ଏବଂ ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତି ଆଦି ଏକାଧିକ ପୁସ୍ତକ ରଚନା କରିସାରିଛନ୍ତି। ଶିଶୁସାହିତ୍ୟରେ ରୁଚି ରଖିଥିବା ବେଳେ ତାଙ୍କର ଶତାଧିକ ଗଣିତଭିତ୍ତିକ ଗବେଷଣାତ୍ମକ ଲେଖା ଛାତ୍ରିଛାତ୍ରଙ୍କ ମଧ୍ୟରେ ଖୁବ୍ ଆଦୃତ ହୋଇପାରିଛି। ତାଙ୍କର ବହୁମୁଖୀ ପ୍ରତିଭାକୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ସେ ହେଲେ **ରବି ନାରାୟଣ ସୁବୁଦ୍ଧି**। ମା' ବାଉରୀ ଦେଇ, ପିତା ତ୍ରିଲୋଚନ ସୁବୁଦ୍ଧି। ଘର ଖୋର୍ଦ୍ଧା ଜିଲାର ଚିଲିକା ଉପକୂଳବର୍ତ୍ତୀ ତରାପି ଗାଁରେ। ସେ କୁହନ୍ତି, 'ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ ୧୯୬୨ ମସିହାରେ। ଗାଁ ସ୍କୁଲରେ ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ପରେ କୁହୁଡ଼ି ଜନତା ହାଇସ୍କୁଲ, ଚାରବାଟିଆ ଠାରେ ପଢ଼ିଲି। ପରେ କଲେଜ ପଢ଼ା ବିଜେବି କଲେଜ, ରେଭେନ୍ସା, ମିରଟ ଏବଂ ଅହମଦାବାଦରେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଗଣିତ ଓ ପରିସଂଖ୍ୟାନରେ ପିଜି, ଏମ୍‌ଫିଲ, ପିଏଚ.ଡି. ସାରିଲି।

ପ୍ରଥମେ ବ୍ରହ୍ମପୁର ଠାରେ କେନ୍ଦ୍ରସରକାରଙ୍କ ଏକ ପରିସଂଖ୍ୟାନ ସଂସ୍ଥାରେ କିଛିଦିନ ଚାକିରି କରିଥିଲି। ତା'ପରେ ୧୯୮୭ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗର ଏମ୍‌ବିଏ ପରିସଂଖ୍ୟାନ ଅଧ୍ୟାପକ ଭାବେ କାର୍ଯ୍ୟ ତୁଲାଇଲି। ୨୦୦୭ରୁ କିଟ୍‌ରେ, ଏମ୍‌ବିଏ ପରିସଂଖ୍ୟାନ ପ୍ରଫେସର ଭାବେ କାର୍ଯ୍ୟ କରୁଅଛି। ଏକ ଅଖ୍ୟାତ ପଲ୍ଲୀର ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ କିପରି ଯାଇ ବଡ଼ବଡ଼ ଶିକ୍ଷାନୁଷ୍ଠାନରେ ପଢ଼ିବି ତାହା ଦିନେ ମୋ ପାଇଁ ସ୍ୱପ୍ନ ଥିଲା। ମାତ୍ର ଚାକିରି କରିବା ପରେ ଆଇଆଇଟି, ଆଇଆଇଏମ୍, ଜେଏନ୍‌ୟୁ, ଭଳି ପ୍ରଖ୍ୟାତ ଶିକ୍ଷାନୁଷ୍ଠାନରେ ପଢ଼ିବାର ସୁଯୋଗ ମିଳିବା ସେତେବେଳେ ମୋ ପାଇଁ ବିଶେଷ ମୁହୂର୍ତ୍ତ ଥିଲା। ବ୍ରହ୍ମପୁର ଭଳି ଏକ ଆଞ୍ଚଳିକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ପରେ କିପରି ବିଶିଷ୍ଟ ବୈଜ୍ଞାନିକମାନଙ୍କ ସହ ଏକାଠି କାମ କରିପାରିବି ସେଇଟା ଗୋଟେ ସ୍ୱପ୍ନଥିଲା। ହେଲେ ସୁଯୋଗ ମିଳିଲା କାମ କରିବା ପାଇଁ। ଇଂଲଣ୍ଡର ସମାଜ ବିଜ୍ଞାନୀ ରୋଜର ଜେଫରି ଓ ବୈଜ୍ଞାନିକ ମାର୍କ ଶର୍ଟିନଙ୍କ ଭଳି କେତେଜଣ ପ୍ରଖ୍ୟାତ ଶିକ୍ଷାବିତ୍‌ଙ୍କ ସହ ଏକାଠି କାମ କଲି, ତାହା ମୋ ପାଇଁ ଅଭୁଲା ସ୍ମୃତି । ପ୍ରାୟ ୨୫ ବର୍ଷ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ର ଭାବେ ପଢ଼ିସାରିବା ପରେ ପାଠ ପଢାଇବାର ଅଭିଜ୍ଞତା ପ୍ରାୟ ୩୭ ବର୍ଷର ହେଲାଣି। କିନ୍ତୁ ଯେତେ ପଢ଼ିଥିଲେ ବି ପାଠ ସରେ ନାହିଁ। ଯେତେଥର ସେହି କଥାକୁ ପଢ଼ାଇଥିଲେ ବି ପ୍ରତିଥର ଅନୁଭବ ହୁଏ ଯେମିତି ଆହୁରି ଅଧିକା ପଢ଼ିବାକୁ ବାକିଅଛି। ଯେତେ ପଢ଼ିଲେ, ଯେତେ ଜାଣିଲେ ବି ଲାଗେ କେତେ କମ୍ ଜାଣିଛି। ସେଇଠୁ ଇଚ୍ଛା ହୁଏ ଆଉ ଅଧିକା ପଢ଼ନ୍ତି, ଲୋକଙ୍କ ସାଙ୍ଗେ ମିଶି ସେମାନଙ୍କ ଅନୁଭୂତିରୁ ଶିଖନ୍ତି, ଛାତ୍ରମାନଙ୍କୁ ପ୍ରତିଥର ସୁଯୋଗ ଦିଅନ୍ତି, ସେମାନଙ୍କ ଅଭିମତ ରଖିବା ପାଇଁ, ପ୍ରଶ୍ନ କରିବାକୁ। ଏକଥା ଶିଖିବା କାମ କେବଳ ଶ୍ରେଣୀଗୃହରେ ସୀମିତ ନୁହେଁ, ପ୍ରକୃତ ଶିକ୍ଷା ସମାଜରୁ, ଗାଁ ଗଣ୍ଡାରୁ, ଗବେଷଣାଗାରରୁ, ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ସମସ୍ୟାର ଅନୁଧ୍ୟାନ ସହିତ ସମାଧାନର ବାଟ ଖୋଜିବାରେ ଅସଲ ଶିକ୍ଷାର ଉପଲବ୍ଧି ମିଳିଥାଏ। ଚାରି ଦଶନ୍ଧି ଧରି ଅଧ୍ୟାପନା ପରେ ମଧ୍ୟ ସବୁବେଳେ ନିଜକୁ ଜଣେ ଛାତ୍ର ବୋଲି ଭାବେ। ଦେଶ ବିଦେଶରେ ଅନେକ ଛୋଟ ବଡ଼ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଲାଭ କରି ସାରିଥିଲେ ମଧ୍ୟ ପଢ଼ିବାର ଇଚ୍ଛା ଅପ୍ରଶମିତ ରହିଛି । ୧୨ଟି ପୁସ୍ତକ ୧୦୦ଟି ଗବେଷଣାତ୍ମକ ଲେଖା ଏବଂ ୨୫୦ରୁ ଅଧିକ ଜନପ୍ରିୟ ଓଡ଼ିଆ ଶିଶୁ ସାହିତ୍ୟ ଲେଖି ସାରିଛି । ଏକ ଖବର କାଗଜର ପିଲାଙ୍କ ସୁମନ ପାଇଁ ସମ୍ପାଦନା କାର୍ଯ୍ୟ ତୁଲାଉଛି। ନିଜସ୍ୱ ଉଦ୍ୟମରେ 'ଦିଶା'ପତ୍ରିକା ପ୍ରକାଶ କରୁଥିଲି। ତାହା କିଛିଦିନ ଚାଲିଲା। ସ୍କୁଲ ବୟସରୁ ବିଭିନ୍ନ ମହାପୁରୁଷଙ୍କ ଜୀବନୀ, ଗଳ୍ପ କବିତା ମୋତେ ଲେଖିବା ପାଇଁ ଆଗ୍ରହ ସୃଷ୍ଟିକରିଥିଲା। ତେବେ ବିଏ ପଢୁଥିବା ବେଳେ ଛାତ୍ରବୃତ୍ତି ସହ କଳିଙ୍ଗଫାଉଣ୍ଡେଶନ ଫେଲୋଶିପ, ଏମ୍‌ଏ ପଢ଼ିବା ପାଇଁ କେନ୍ଦ୍ର ସରକାରଙ୍କ ବୃତ୍ତି, କିଟ୍ ବିଶ୍ୱବିଦ୍ୟାଳୟରେ ଶ୍ରେଷ୍ଠ ଶିକ୍ଷକ ସମ୍ମାନ, ଉତ୍କୃଷ୍ଟ ଶିକ୍ଷାଦାନ ପାଇଁ ବିଭିନ୍ନ ଅନୁଷ୍ଠାନରୁ ଅନେକ ମାନପତ୍ର ଓ ପୁରସ୍କାର ମିଳିଛି । ବିଦେଶରୁ ନିମନ୍ତ୍ରଣ ପାଇ ପ୍ରଶିକ୍ଷଣ ନିମନ୍ତେ ଆମେରିକା ଚିକାଗୋ, ମିନିଆ ପଲିସ, ଇଂଲଣ୍ଡର ଲଣ୍ଡନ, ଲିସେଷ୍ଟର ଓ ଏଡିନବର୍ଗ, ଅଷ୍ଟ୍ରେଲିଆର ଆଡିଲେଡ, ଶ୍ରୀଲଙ୍କାର କଲମ୍ବୋ ଓ ପେରିଡେନିୟା(ଦୁଇଥର) ସିଙ୍ଗାପୁର, ଭୁଟାନ, ଢାକା ବିଶ୍ୱବିଦ୍ୟାଳୟ(ବାଂଲାଦେଶ), ନେପାଳର କାଠମାଣ୍ଡୁ ବିଶ୍ୱବିଦ୍ୟାଳୟ, ମାଳଦୀପର ମାଲେ ସହରସ୍ଥିତ ଜାତୀୟ ବିଶ୍ୱବିଦ୍ୟାଳୟକୁ ୨ଥର ଯାଇଥିଲି। କିନ୍ତୁ ମୋ ଗାଁର ଭୂଗୋଳ, ପ୍ରାକୃତିକ ପରିବେଶ ମୋତେ ସବୁବେଳେ ଡାକେ, ଆପଣେଇ ଥାଏ ।


ମୋ ମତରେ ପ୍ରତିକ୍ଷେତ୍ରରେ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି କିନ୍ତୁ ମାନସିକ ବିକାଶ ପାଇଁ ସାହିତ୍ୟ, ସଂସ୍କୃତି, ସାମାଜିକ କ୍ଷେତ୍ରରେ ଯୋଡ଼ିହେବା ଜରୁରୀ ।

-ବନବିହାରୀ ବେହେରା







# କାଗଜ

–ସନ୍ତୋଷ କୁମାର ସେଠୀ

ଗଢ଼ିପାରେ ଚରିତ୍ର
ଶିଖାଇ ପାରେ ଶୃଙ୍ଖଳା
ଭାସି ପାରେ
ବରଷା ସ୍ରୋତରେ
ଡଙ୍ଗା ଟିଏ ହୋଇ
ଉଷୁମ କରିପାରେ
ପକେଟ ବା ଟ୍ରେଜେରୀ
ଆଙ୍କି ହୁଏ ସୁନ୍ଦର
ଚିତ୍ର ପଟଟିଏ
ଅବା କାହା ପାଇଁ
ହୋଇପାରେ
କୋରା କାଗଜ।

–ପୁରୀ
ମୋ: ୯୪୩୭୩୦୨୬୧୮



# ଲକ୍ଷ୍ମୀ –କେତେବେଳେ ତୁ, କେତେବେଳେ ମୁଁ

–ସୁମିତା ବେହେରା

ଜରାୟୁରୁ ଯାତ୍ରା
ପାପୁଲିଏ ସଜଳ ସକାଳକୁ
ଝୋଟି ଚିତାରେ ରମଣୀୟ କରି
ର୍ନିଦ୍ୱନ୍ଦରେ ପଖାଳି ହୁଏ
କଅଁଳ ଶୁଦ୍ଧତା ।
ପ୍ରତି ମୁହୂର୍ତ୍ତରେ ସଂଶୟକୁ
ପିଠିରେ ଲଦି
ସୀମା ସରହଦ ଡେଇଁ ଆଗକୁ ବଢ଼ିବା
ବେଳେ
ଭୟ ବିସ୍ମୟର ପ୍ରତିଯୋଗିତା ।
ମୁଁ ଥାଏ ମୋ ବାଟରେ
ତୁ ଥାଉ ତୋ ବାଟରେ
ପାପ ପୁଣ୍ୟର ପରିଧି ଭିତରେ
ଚେତନା ଚୈତନ୍ୟ ର ଚୌହଦି ଭିତରେ
ନିନ୍ଦାରେ ଅପବାଦରେ
ପ୍ରତି ମୁହୂର୍ତ୍ତରେ
କେହି ନା କେହି ପଛରୁ ଛନ୍ଦୁଥାଏ ପାଦ
ତୋର ବି ମୋର ବି ।
ଯେତେ ସବୁ ଆତୁରତାକୁ ସମର୍ପି ଦେଇ
ମୁଁ ଦେଖେ ତିନି ଗାର ଡେଇଁ
ତୋ ପାଖରେ ପହଞ୍ଚିବାର ସ୍ୱପ୍ନ,
ତୁ କିନ୍ତୁ ଉଦାସର ଋତୁକୁ ପଛକୁ ଠେଲି
ମାପିଦେଉ ଆଞ୍ଜୁଳା ଭର୍ତ୍ତି
ଶାଶ୍ୱତ ବଂଶୀସ୍ୱନ।
ଆଉ କିଛି ନୂଆକଥା
ଲେଖୁଛି କି !!!
ସମୟର ଶିଉଳିଲଗା ପାହାଚରେ
ଅକ୍ଷତ ମୁଦା କଢ଼ଟିଏ
ସବୁକାଳେ ଲକ୍ଷ୍ମୀ,
ସେ ଅବୁଝାପଣରେ ଝଡ ସୃଷ୍ଟିକରୁ
ବା ଏକାଗ୍ରତାରେ ଚାଂଚଲ୍ୟ ଭରୁ
କେବଳ ଲକ୍ଷ୍ମୀ ହୋଇ ଥାଉ,
ସେ ତୁ ହ କି ମୁଁ ।
–ବାରିପଦା
ମୋ: ୬୩୭୨୮୫୬୯୯୪

# ତେଢ଼ା

–ଦୀପ୍ତିମୟୀ ଶତପଥୀ

କଲୋନି ମଝିରେ ଅପେକ୍ଷାକୃତ ବଡ଼ଘରଟିର ମାଲିକ ଜଣେ ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ କର୍ମଚାରୀ। ପାଚେରି ଉଚ୍ଚ ଆଉ ଫାଟକରେ ଲୁହାଜାଲି। ସୁନ୍ଦର ବଗିଚାଟିଏ ଥିଲେ ବି ବାହାରୁ ଫୁଲସବୁ ଉପଭୋଗ କରିହେଉ ନ ଥିଲା। ଦଶହରା, ନୂଆବର୍ଷକୁ ଚାନ୍ଦା ମାଗିଲେ ଚଷମାତଳୁ ସନ୍ଦେହୀ ଆଖିରେ ଅନାନ୍ତି ଭଦ୍ରଲୋକ। ନମସ୍କାର କଲେ ପଚାରିବେ ''କ'ଣ ଦରକାର ?'' ବାହାଘରକୁ ନିମନ୍ତ୍ରଣ କଲେ ''ମୁଁ ତେଲ ମସଲା ଖାଏନା।'' ଆଚ୍ଛାକଥା,
ତମେ ଆଶୀର୍ବାଦ କରି ଉପସ୍ଥାନ ପକେଇ
ଆଶୂନ ! ଲୋକଟାକୁ ପରୀକ୍ଷା କରିବାକୁ ମାନବର ଇଚ୍ଛା ହେଲା।
ରାମମନ୍ଦିର ପ୍ରତିଷ୍ଠା ପାଇଁ ଗୁଆଚାଉଳ ବାଣ୍ଟୁଥିବା ଲୋକଙ୍କ ସହ ଭଦ୍ରଲୋକଙ୍କ ଫାଟକ ପାଖରେ ପହଞ୍ଚିଲା।
ଟିକେ ଗପ ଯୋଡ଼ିଲା।
ଭଦ୍ରବ୍ୟକ୍ତି.... ''ନାଁ କ'ଣ ?''
...... 'ମାନବ'
ଭଦ୍ରବ୍ୟକ୍ତି..... ''ବାପାମାଆ କ'ଣ ଆଦିମାନବ ? ୟେ କି ନାଁ ?''
......୨୮ ହେଲାଣି, ଆଉ କ'ଣ ବଦଳେଇବି ?
(ଭାବିଲା, କହିଲାନି )
ଭଦ୍ରବ୍ୟକ୍ତି....''ରାମଭକ୍ତଙ୍କ ସହ କାଇଁ ବୁଲୁଚ ?''
...... ''ଏତେବଡ଼ ଉତ୍ସବ, ସବୁ ଭାରତୀୟ ଭାଗ ନେଉଛନ୍ତି।''
ଭଦ୍ରବ୍ୟକ୍ତି.....'' ମୂର୍ତ୍ତି କାଇଁ କଳାରଙ୍ଗର ହେଲା ? ରାମ ତ ଶ୍ୟାମଳ।''
........ ''କଳାମୁଗୁନି କ୍ଷୟ ହେବନି।
ଯୁଗାବ୍ଧି ମସୃଣ ସୁନ୍ଦର ରହିବ।''
ଭଦ୍ରବ୍ୟକ୍ତି.... ''ମୋର କାଳିଝିଅଟିଏ ଅଛି।
ବାହାହେଇପାରିବ ?''
ମାନବ ପଛେଇ ପଛେଇ ଆସି ଜୀବନ ସହ ଧକ୍କା ଖାଇଲା।
''କ'ଣହେଲା କିରେ'', ଜୀବନ ପଚାରିଲା।
....'ଲୋକଟା କି ତେଢ଼ା !!'

– ବ୍ରହ୍ମପୁର
ମୋ: ୯୦୭୮୬୮୫୨୪୭



# ବିଶାଳରୁ ଅଜୟ



ଅଜୟ

ଥରେ ମନେ ପକାନ୍ତୁ ନା ଆକ୍ସସ-କମ୍-ମ୍ୟୁଜିକାଲ ହିଟ୍ ଫିଲ୍ମ 'ଫୁଲ୍ ଔର କାଣ୍ଟେ'କୁ। ଏହି ଫିଲ୍ମରୁ ବଲିଉଡ୍‌ରେ ନାୟକ ଭାବରେ ଡେବ୍ୟୁ କରିଥିଲେ ନାମୀ ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ପୁଅ ଅଜୟ ଦେବଗନ। ହେଲେ ତା' ପୂର୍ବରୁ ତାଙ୍କର ପ୍ରକୃତ ନାମ ଥିଲା ବିଶାଲ ବୀରୁ ଦେବଗନ। ଯେତେବେଳେ ସେ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ସ୍ଥିର କଲେ ସେତେବେଳେ ନିଜ ନାମକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ ଏବଂ ଶେଷରେ ତାହା ହିଁ ହୋଇଥିଲା। ଆଉ ସେ ଅଜୟ ଦେବଗନ ନାମରେ ପରିଚିତ ହୋଇଥିଲେ। ତେବେ ଅଜୟଙ୍କର ପ୍ରକୃତରେ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ। ୧୯୮୫ରେ ନିର୍ମିତ 'ପ୍ୟାରି ବେହନା'ରେ ସେ ମିଥୁନ ଚକ୍ରବର୍ତ୍ତୀଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ଆକ୍ଟିଂରେ ପାଦ ଦେବା ପୂର୍ବରୁ ସେ ଟାଇକୋଣ୍ଡରେ ବ୍ଲାକ ବେଲ୍ଟ ହାସଲ କରିଥିଲେ। ୨୦୦୮ରେ ସେ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା ଥିଲା 'ୟୁ ମି ଔର ହମ୍'। ନିଜ ଅଭିନୟ କ୍ୟାରିୟର ଭିତରେ ଅଜୟ ଦୁଇ ଥର ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କୃତ ହୋଇସାରିଛନ୍ତି। ତାଙ୍କର ଏକ ବଡ଼ ସଉକ ହେଉଛି ବଜାରକୁ ନୂଆ କାର୍ ଏବଂ ବାଇକ ଆସିଲେ ସେଗୁଡ଼ିକୁ କିଣିବା।

# ଆକାଶବାଣୀ

ଶ୍ରୀ ବୀରବଲ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆକାଶବାଣୀ'। ଏହାର ଫାଷ୍ଟଲୁକ୍ ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଖାସ୍ କଥା ହେଲା ଚଳିତ ଭାଲେଣ୍ଟାଇନ ଡେ' ଅବସରରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଲଭ, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ତଥା ମଣିଷ ଜୀବନର ବିଭିନ୍ନ ଦିଗକୁ ଦର୍ଶକ ଦେଖିବାକୁ ପାଇବେ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ରୋହନ ଗର୍ଗ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ତ୍ରିପତି ସାହୁ। ଏହାର ସିନେମାଟୋଗ୍ରାଫର ଅଛନ୍ତି ସ୍ୱର୍ଣ୍ଣ ପ୍ରସାଦ (ବୁବୁ)। ଫିଲ୍ମଟିର ମୁଖ୍ୟ ଭୂମିକାରେ ରୋହନ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ପୂଜା। ଗଣେଶରାମ ଅଗ୍ରୱାଲଙ୍କ କାହାଣୀକୁ ଆଧାର କରି ସଂଳାପ ସହ ଗୀତ ରଚନା କରିଛନ୍ତି ଅନ୍ୟତମ ଆଗଧାଡ଼ିର ସଂଳାପକାର ତଥା ଗୀତିକାର ଡ. ନିର୍ମଳ ନାୟକ। ଅବଶ୍ୟ ଗୋଟିଏ ହିନ୍ଦୀଗୀତକୁ କୁକୁ ପ୍ରଭାସ ଲେଖିଛନ୍ତି । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରୋହନ ଏବଂ ପୂଜାଙ୍କ ବ୍ୟତୀତ ଫିଲ୍ମର ବିଭିନ୍ନ ଚରିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ନମିତା ଦାସ, ବେବି ପ୍ରଧାନ, ଜୋଜୋ, ଅମର ମହାପାତ୍ର, ରୋସନ ଭରଦ୍ୱାଜ, ପ୍ରତାପ ସୁମନ ମହାରଣା, ମଧୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ରୋହନ ପୂର୍ବରୁ 'ଲଭ ଇମ୍ପସିବଲ' ଏବଂ 'ଡଟପେନ୍' ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।



ରୋହନ-ପୂଜା



ପରିଣିତି

# ସଙ୍ଗୀତ ମାୟାରେ ପରିଣିତି


ପରିଣିତି ଚୋପ୍ରା ଘର ସଂସାର କରିବା ପରେ ଏବେ ପୁଣି ଥରେ ମଇଦାନକୁ ଓହ୍ଲାଇବାକୁ ସ୍ଥିର କରିଛନ୍ତି। ହେଲେ ବର୍ତ୍ତମାନ ସେ ସଙ୍ଗୀତ ପ୍ରତି ଧ୍ୟାନ ଦେବେ। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ସେ ଜଣେ ଗାୟିକା ଥିଲେ। ଏପରି କି କେତୋଟି ସିନେମା ପାଇଁ କଣ୍ଠଦାନ ମଧ କରିସାରିଛନ୍ତି। ଏବେ ସେ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ କାମ କରିବେ ବୋଲି ମଧ୍ୟ କହନ୍ତି। ପରିଣିତି କହନ୍ତି, 'ମୁଁ ସିନା ଅଭିନୟକୁ ଆପଣେଇ ନେଇଥିଲି, ହେଲେ ମୋର ପ୍ୟାଶନ ଥିଲା ସଙ୍ଗୀତ। ଏଥିରୁ ମୋତେ ବେଶ୍ ଆନନ୍ଦ ମିଳିଥାଏ। ଏବେ ମ୍ୟୁଜିକ ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯୋଜନା କରିଛି। ଏହାଦ୍ୱାରା ଲୋକଲୋଚନକୁ ଆସିପାରୁ ନ ଥିବା କଣ୍ଠଶିଳ୍ପୀ ସଙ୍ଗୀତ କ୍ଷେତ୍ରରେ ନିଜ ନିଜ ଦକ୍ଷତା ଦେଖାଇପାରିବେ। ତା'ସହ କେତୋଟି ମ୍ୟୁଜିକ ଆଲବମ୍ ପ୍ରସ୍ତୁତ କରିବାର ବି ଯୋଜନା ରହିଛି।' ପରିଣିତିଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିସ୍ ଭର୍ସେସ ରିକି ବହଲ'। ୨୦୧୧ରେ ଚିତ୍ରଟି ପରଦା ଉପରକୁ ଆସିଥିଲା। ଏହାପରେ ସେ 'ଇସ୍କଜାଦେ', 'ଶୁଦ୍ଧ ଘି ଦେଶୀ ରୋମାନ୍ସ', 'ହସି ତୋ ଫସି', 'ଢ଼ିସୁମ୍', 'ମେରି ପ୍ୟାରି ବିନ୍ଦୁ', 'ସାଇନା' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି। ତାଙ୍କ ଅଭିନୀତ ତଥା ରିଲିଜ ଅପେକ୍ଷାରେ ଥିବା ସିନେମାର ଟାଇଟଲ ରହିଛି 'ଅମର ସିଂ ଚମକିଲା'।

# ପ୍ରୀତିଙ୍କ ଲେଉଟାଣି

ପ୍ରୀତି ଜିଣ୍ଟା ବେଶ୍ କିଛି ବର୍ଷ ହେବ ଅଭିନୟଠାରୁ ଦୂରେଇ ଯାଇଛନ୍ତି। ଘର ସଂସାର କରିବା ପରେ ସେ ଆଇପିଏଲର ପଞ୍ଜାବ କିଙ୍ଗ ଇଲେଭେନ୍‌ର ମାଲିକାଣୀ ମଧ ଅଛନ୍ତି। ହେଲେ ଏବେ ପୁଣି ଥରେ ବଡ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ବର୍ତ୍ତମାନ ନିର୍ମାଣ ଚାଲିଥିବା ହିନ୍ଦୀ ସିନେମା 'ଲାହୋର ୧୯୪୭'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସନି ଦେଓଲ। ଆଉ ତାଙ୍କ ଅପୋଜିଟ୍‌ରେ ପ୍ରୀତିଙ୍କୁ କାଷ୍ଟିଂ କରାଯାଇଛି। ଏହାର ଶୁଟିଂରେ ଯୋଗ ଦେବାକୁ ସେ ଲସଏଞ୍ଜିଲସ୍‌ରୁ ଆସି ମୁମ୍ବାଇରେ ପହଞ୍ଚିଛନ୍ତି। ଏଭଳି ସୁଯୋଗ ସମ୍ପର୍କରେ ପ୍ରୀତି କହନ୍ତି, 'ଏହି ଅଫରଟି ମୋତେ ବେଶ୍ ଇମ୍ପ୍ରେଶ କରିଥିଲା। ଅସଲ କଥା ହେଲା ସନି ଦେଓଲଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବାର ମଜା ନିଆରା। ଫିଲ୍ମଟିର ଅନ୍ୟତମ ପ୍ରଯୋଜକ ତଥା ଆମୀର ଖାଁ ଯେତେବେଳେ ମୋ ସହ ଏ ନେଇ କଥା ହେଲେ ସେତେବେଳେ ତାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଯାହାହେଉ ବଲିଉଡ୍‌ରେ ମୁଁ ପୁଣି ଥରେ ଏଣ୍ଟ୍ରି କରୁଛି। ଆଶା ରଖିଛି ଏହି ଫିଲ୍ମକୁ ଦର୍ଶକ ଗ୍ରହଣ କରିବେ।' ସୂଚନାଯୋଗ୍ୟ ନିଜର ଡେବ୍ୟୁ ଫିଲ୍ମ 'ସୋଲଜର' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।



ପ୍ରୀତି ଜିଣ୍ଟା



କ୍ରିତି

# ସାରା ଯାହା ଖୋଜୁଥିଲେ..

କଥାରେ ଅଛି ଅପେକ୍ଷାର ଫଳ ମିଠା। ଦେଖୁନାହାନ୍ତି, ବେଶ୍ କିଛି ବର୍ଷ ଅପେକ୍ଷା କରିବା ପରେ ସୈଫ ତନୟା ସାରା କେମିତି ତାଙ୍କର ମନ ପସନ୍ଦର ଭୂମିକାଟିଏ ପାଇଯାଇଛନ୍ତି। କଥା କ'ଣ କି ତାଙ୍କ ଅଭିନୀତ ନୂଆ ସିନେମା 'ଏ ୱତନ ମେରେ ୱତନ' ଆସନ୍ତା ମାସରେ ଓଟିଟି ଫର୍ମାଟରେ ରିଲିଜ ହେବ। ଏଥିରେ ସେ ଜଣେ ମହିଳା ସ୍ୱାଧୀନତା ସଂଗ୍ରାମୀ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର କଥାବସ୍ତୁ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଷା ମେହେଟ୍ଟା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସଂଘର୍ଷମୟ ଜୀବନୀକୁ ନେଇ ଏହି ଫିଲ୍ମଟିକୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ସାରା ଅଲ୍ଲୀ ଖାଁ କହନ୍ତି, 'ଏଭଳି ସିନେମାରେ ଅଭିନୟ କଲେ ନିଜ ଭିତରେ ଥିବା ଅଭିନୟ ଦକ୍ଷତାକୁ ଜଣେ ଦେଖାଇ ପାରିବ ବୋଲି ମୁଁ ଦୃଢ଼ ସ୍ୱରରେ କହିବି। ଏପରି ଏକ ଭୂମିକା ପାଇବାକୁ ମୁଁ କେବେଠାରୁ ଅପେକ୍ଷା କରିଥିଲି। ଯାହାହେଉ ତାହା ପୂରଣ ହୋଇଛି। ରୋଲଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି କନ୍ନନ ଆୟାର। ଏହାର ପ୍ରଯୋଜନା କରିଛନ୍ତି କରନ ଜୋହର ଏବଂ ଅପୂର୍ବ ମେହେଟ୍ଟା। ତେବେ ଏହି ଫିଲ୍ମ ଦ୍ୱାରା ସାରା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଫିଲ୍ମଟି ରିଲିଜ ହେବାପରେ ଜଣାପଡ଼ିବ।



ସାରା

# ଥପାଙ୍କସ୍ ଶାହୀଦ

କ୍ରିତି ସାନନ୍ ଏବେ ଶାହୀଦ କପୁରଙ୍କ ପ୍ରଶଂସାରେ ଶତମୁଖ। କାରଣ କ'ଣ ଜାଣନ୍ତି ? ନିକଟରେ ଦୁହିଁଙ୍କୁ ନେଇ ନିର୍ମିତ ହୋଇଥିବା 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିୟା'ଚଳଚ୍ଚିତ୍ରର ଟାଇଟଲ ଟ୍ରାକର ଶୁଟିଂ ସମୟରେ ସେ କେତୋଟି ଷ୍ଟେପ୍ ମିସ୍ କରିଥିଲେ। ଏହା ଦେଖି ଶାହୀଦ ତାହା ସୁଧାରିବାକୁ ପରାମର୍ଶ ଦେଇଥିଲେ। ଏ ବିଷୟରେ କ୍ରିତି କହନ୍ତି, 'ଏହି ଗୀତ ଶୁଟିଂ ସମୟରେ ଅଜାଣତରେ ମୋର କେତୋଟି ଷ୍ଟେପ୍ ମିସ୍ ହୋଇଥିଲା। ଏହା ଦେଖି ଶୁଟିଂ ବନ୍ଦ କରିବାକୁ ଶାହୀଦ କହିଥିଲେ। ତା'ପରେ ମୁଁ ମିସ୍ କରିଥିବା ଷ୍ଟେପ୍‌ଗୁଡ଼ିକୁ ପୁଣି ଥରେ ପ୍ରାକ୍ଟିସ କରିବାକୁ ସେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ମୋ ପାଖରେ ଛିଡା ହୋଇ ଷ୍ଟେପ୍‌ଗୁଡ଼ିକୁ ନିରୀକ୍ଷଣ ମଧ କରିଥିଲେ। ସେହି ସମୟରେ ସେ କିଛି ଟିପ୍ସ ଦେଇଥିଲେ, ଯାହା ମୋତେ ବେଶ୍ ସହାୟକ ହୋଇଥିଲା। ବାସ୍, କିଛି ସମୟ ପରେ ପୁଣି ଥରେ ଅବଶିଷ୍ଟ ଗୀତର ଶୁଟିଂ ଶେଷ ହୋଇଥିଲା। ଏ ନେଇ ମୁଁ ଶାହୀଦଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅମିତ ଯୋଶୀ ଏବଂ ଅନୁରାଧା ଶାହ। ଏଥିରେ ଧର୍ମେନ୍ଦ୍ର ଏବଂ ଡିମ୍ପଲ କାପାଡ଼ିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ପ୍ରଥମ ରୋଜଗାର



ଯୁବ ସମାଜସେବୀ ଓ ପୁସ୍ତକ ପ୍ରକାଶକ **ପବିତ୍ର ବ୍ରହ୍ମପୁତ୍ର ନାୟକ** ତାଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାର ଟଙ୍କାରେ ବହି କିଣିଥିଲି

ପ୍ରକୃତିର ଗନ୍ତାଘର ଭିତରକନିକା କୋଳରେ ନଦୀନାଳ ଘେରା କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରରେ ମୋର ଜନ୍ମ ୧୫ ଜୁଲାଇ ୧୯୯୬ ମସିହାରେ । ଆମ ପରିବାର ଏକ ମଧ୍ୟବିତ୍ତ ପରିବାର, ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ। ପିଲାଟି ଦିନରୁ ଅର୍ଥର ଅଭାବ ଅନୁଭବ କରିଛି। ମୋ ବାପା ସେତେବେଳେ ଗାଁ କଲେଜରେ ଅଧ୍ୟାପକ, ଦରମା ପାଉନଥାନ୍ତି ବହୁ କଷ୍ଟ ସ୍ୱୀକାର କରି ସେ ମତେ ପଢ଼ାଇ ଆସିଛନ୍ତି। ମୋର ଶିକ୍ଷା ପ୍ରାଥମିକରୁ ଆରମ୍ଭ କରି ମହାବିଦ୍ୟାଳୟ ଯାଏ ଅନେକ ବାଧାବିଘ୍ନ ଦେଇ ବିତିଛି ମୋ ଗାଁରେ । ଯେତେବେଳେ ମହାବିଦ୍ୟାଳୟରେ ମୁଁ ପଢୁଥିଲି ସେତେବେଳେ କଣ କରିବି ନିଜେ ହିଁ ସ୍ଥିର କରିପାରିନଥିଲି । କାହିଁକି ନା ମୋ କ୍ୟାରିୟର ସେତେଟା ସଫଳତାପୂର୍ଣ୍ଣ ନଥିଲା, ମୁଁ ମାଟ୍ରିକରେ ତୃତୀୟ ଶ୍ରେଣୀ, ଦୁଇ ଦୁଇ ଥର ଯୁକ୍ତ ଦୁଇ ବିଜ୍ଞାନରେ ଅକୃତ କାର୍ଯ୍ୟ ହୋଇଥିଲି। ପରେ ମୁଁ ଯୁକ୍ତ ତିନି କଳାରେ ଅଧ୍ୟୟନ କରି ସଫଳ ହେଲି ଓ ସେତେବେଳେ ଭାବିଥିଲି ଅଧ୍ୟାପନା କ୍ଷେତ୍ରରେ ଯିବି। କିନ୍ତୁ ଯୁକ୍ତ ତିନି ପରେ ପରେ ମୋ ଜୀବନର ମୋଡ଼ ବଦଳିଗଲା। ଭାରତ ସରକାରଙ୍କ ଭାରତୀୟ ଜନ ସଂଚାର ସଂସ୍ଥାନରେ ଇଣ୍ଟରଭ୍ୟୁ ଦେଇ ସାମ୍ବାଦିକତାରେ ଅଧ୍ୟୟନ କରିବା ପାଇଁ ସୁଯୋଗ ପାଇଲି। ସାମ୍ବାଦିକତାରେ ପାଠ ପଢ଼ା ପରେପରେ ମୋର ଚାକିରି ଜୀବନ ଆରମ୍ଭ ହେଲା ଗୋଟିଏ ଦୈନିକ ଖବର କାଗଜରୁ ସହ ସମ୍ପାଦକ ଭାବେ । ସେତେବେଳେ ମୋ ଦରମା ଥିଲା ମାସିକ ଦଶ ହଜାର ଟଙ୍କା । ନିଜ ରୋଜଗାରର ଦରମା ଟଙ୍କା ଯଉଦିନ ପାଇଲି, ସେଦିନ ନିଜକୁ ବିଶ୍ୱାସ କରି ପାରିଲି ନାହିଁ । ବାରମ୍ବାର ଦେଖୁଥିଲି ସେଇସବୁ ଖଡ ଖଡିଆ ନୋଟକୁ । ଅନୁଭବ କରୁଥିଲି ନୋଟର ବାସ୍ନାକୁ । ସେଇ ଟଙ୍କାକୁ ବିଛଣାରେ ରଖି ଫଟୋ ଉଠାଇ ଫେସବୁକରେ ଛାଡ଼ିଦେଇ ବିପୁଳ ଆନନ୍ଦ ପାଉଥିଲି ପ୍ରିୟଜନଙ୍କ ମତାମତରେ। ମୋର ମନେଅଛି ସେଇ ଟଙ୍କାରେ ମୁଁ କିଛି ଭଲ ବହି କିଣିଥିଲି ଯେଉଁଥିରେ ଥିଲା ଭାନୁଜୀ ରାଓ, ରବି ସିଂଙ୍କ ଗ୍ରନ୍ଥାବଳୀ ସମେତ ଆଉ କିଛି ।

ପରବର୍ତ୍ତୀ ସମୟରେ ଏକ ବର୍ଷ ଚାକିରି କରିବା ପରେ ଚାକିରି ଜୀବନକୁ ବିଦାୟ ଦେଇ, ନିଜ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ କରିଥିଲି । ଚାକିରିର ପାଞ୍ଚ ଗୁଣ ଅର୍ଥ ଏବେ ରୋଜଗାର କରୁଥିଲେ ବି ପ୍ରଥମ ରୋଜଗାର ସ୍ମୃତିକୁ ମୁଁ କେବେ ଭୁଲିନି କି ଭୁଲି ପାରିବି ନାହିଁ। ଆଉ ଏକ କଥା ଜୀବନର ବ୍ରତ ଭାବେ ମୁଁ ସମାଜ ସେବାକୁ ଗ୍ରହଣ କରି ଆସିଛି। ଦୀର୍ଘ ବର୍ଷ ହେବ ଏ ଅଭିଯାନ ମୋର ଆରମ୍ଭ ହୋଇଛି ମୋ ମାସିକ ରୋଜଗାରରୁ ଦଶ ହଜାର ଟଙ୍କା ଆର୍ଥିକ ଅବସ୍ଥା ଭଲ ନଥିବା ମେଧାବୀ ଛାତ୍ରଛାତ୍ରୀ ଓ ଗରିବ, ଅସହାୟ, ରୋଗୀଙ୍କୁ ପ୍ରଦାନ କରି ଆସୁଛି ଯାହା ସମ୍ଭବ ହେଉଛି ମହବାହୁଙ୍କ ବିପୁଳ ଆଶିଷ ଯୋଗୁ।

# ମନମୋହିନୀର ତେରେଛା ହସ, ଅଳପ ମିଠାକୁ ଅଳପ ବିଷ

**ପ୍ରଶ୍ନ**—ମୋତେ ଜଣେ ଝିଅ ଦେଖିଲେ ହସି ଦେଉଛି। ତାହାକୁ ପ୍ରେମର ପହିଲି ଇଶାରା ବୋଲି ଭାବିଲେ ଭୁଲ ହେବ କି ?

*–ସୁଜିତ କୁମାର, ଢେଙ୍କାନାଳ*

**ଉତ୍ତର:** ଯଦି ସେପଟୁ କିଛି ଇଶାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। କିନ୍ତୁ ସବୁ ହସରେ ପ୍ରେମ ନ ଥାଏ। 'ମନମୋହିନୀର ତେରେଛା ହସ, ଅଳପ ମିଠାକୁ ଅଳପ ବିଷ।' ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**—ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?

*–ଅମର, କଟକ*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାଶରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**—ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*–ମହେନ୍ଦ୍ର ପୁରୋହିତ, ବ୍ରହ୍ମପୁର*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଜିତେଶ ଦାସ, କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣଙ୍କୁ ତର୍ଜମା କରୁଛି। ଅବା ସେ ହୁଏତ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫଶାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**—ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ। କ'ଣ କରିବି ?

*–ବିରେନ୍ଦ୍ର, ଅନୁଗୋଳ*


**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ। ସତରେ, ବଡ ପ୍ୟାଥାଟିକ୍ ! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଅପେକ୍ଷାର ସୀମା ଥାଏ। ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି। କଥାରେ ଅଛି–ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।

ସାଥୀ



# ଗୀତିନାଟ୍ୟରେ ଲୁଚିରହିଛି ଲୋକସଂସ୍କୃତି










ଏକାଧାରରେ ସେ ଜଣେ ଗାଳ୍ପିକ, ଗୀତିକାର, ନାଟ୍ୟକାର, ସଙ୍ଗୀତକାର, ମଞ୍ଚ ସଂଯୋଜକ, ଅଭିନେତା, ଗାଳ୍ପିକ ଓ ପ୍ରବାଚକ । ବିଭିନ୍ନ ଅଞ୍ଚଳରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ରାଜ୍ୟ ଲୋକକଳା ସଂଘର ଉପସଭାପତି ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ବହୁମୁଖୀପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଏକାଧିକ ପୁରସ୍କାର ଓ ସମ୍ମାନ। ସେ ହେଲେ **ଅବନୀ କୁମାର ମିଶ୍ର**। ଜନ୍ମ ୧।୭।୧୯୭୧ରେ। ଘର ଢେଙ୍କାନାଳ ଜିଲାର ରଥଗଡ଼ାରେ। ସେ କୁହନ୍ତି, ପିଲାଟିଦିନରୁ ଆର୍ଥିକ ଅନଟନ ଭିତରେ ଜୀବନ ଆରମ୍ଭ ହୋଇଥିଲା, ଯାହା ଅନ୍ତତଃ ଶିଖାଇ ଦେଇଥିଲା ଯେ ଜୀବନ ସଂଘର୍ଷମୟ। ସ୍କୁଲବୟସରୁ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟପ୍ରତି ଆଗ୍ରହୀ ହୋଇଥିଲି। କବିତା ଲେଖିବା ଅଭ୍ୟାସ ରହିଥାଏ। ଲୋକକଳା ଆଧାରିତ କେତେକ କବିତା, ଗଳ୍ପ ଓ ଗୀତିନାଟ୍ୟ ରଚନା କରିଥିଲି। କବି ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟରୁ ଯେଉଁ ଦିନ ମୋର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଲା ସେଦିନ ମୋ ନନା (ବାପା)ବୈକୁଣ୍ଠ ବିହାରୀ ମିଶ୍ର ଦାଣ୍ଡରୁ ପାଟି କରି ଆସୁଥିଲେ ଅବନୀ ଆମର ମାଟ୍ରିକ ପାସ୍ କରିଛି। ସେଦିନ ମୋ ନନାଙ୍କ ଖୁସି ଦେଖି ମୋତେ ଲାଗିଲା କି ମୁଁ ଯେମିତ ବହୁ ବଡ଼ କାମ କରିଦେଇଛି। ପରେ କଲେଜପଢ଼ା ସାରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍ଏ ସାରିଲି। ସେହିପରି ଯେତେବେଳେ ମୋର ଯାହା ବି ଲେଖା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଉଥିଲା ତାହାକୁ ସଂଗ୍ରହକରି ମୋତେ କହୁଥିଲେ ତୋ ଲେଖା ଆଜି ବାହାରିଛି। ଯାହା ମୋତେ ପ୍ରେରଣା ଯୋଗାଉଥିଲା। ସମୟକ୍ରମେ କେତୋଟି ପୁସ୍ତକ ରଚନା କଲି। ସେଥିମଧ୍ୟରେ 'ଜୀବନ ଜିଜ୍ଞାସା', 'ଶୈବକ୍ଷେତ୍ର କପିଳାସ', 'ସେହି ଶବ୍ଦ ଓ ବିଶ୍ୱାସର ରାତିଟିଏ'ଆଦି ରହିଛି। ସେହିପରି ଗୀତିନାଟ୍ୟ ଓ ଭଜନ ଆଦି ଭିତରେ ମା'ବ୍ରାହ୍ମଣୀ ଦେବୀ, ଅମୃତବାଣୀ, ମା' ଦକ୍ଷିଣକାଳୀ ଲୀଳାମୃତ, ଶ୍ରୀବଳରାମ କଥାମୃତ, କପିଳାସ ରସାମୃତ, ମହିମା କଥା ସାଗର,ବାବା ପଶ୍ଚିମେଶ୍ୱର, କୃପାମୟୀ ରାମଚଣ୍ଡୀ, ଝଙ୍କଡ଼ରୁ ଶ୍ରୀକ୍ଷେତ୍ର, ରାଧେଶ୍ୟାମ, ଦାରୁବ୍ରହ୍ମ, ଗୁରୁ କୃପା, ଜୟ ମା' ରାମଚଣ୍ଡୀ, ଅଭିନନ୍ଦନ ରହିଛି। ଏହାବାଦ ମଞ୍ଚ ସଂଯୋଜକଭାବେ ଢେଙ୍କାନାଳ ମହୋତ୍ସବ, ନୟାଗଡ଼, ଆନନ୍ଦପୁର, ଚମ୍ପୁଆ, ହିଙ୍ଗୁଳା, କଟକ ବାଲିଯାତ୍ରା, ନବରଙ୍ଗପୁର, ମଣ୍ଡେଇ ଏବଂ ରାଜ୍ୟ ଲୋକକଳା ମହୋତ୍ସବ, ଆମଲୋକକଳା, ଆମ ସଂସ୍କୃତି ଆଦିରେ ମଞ୍ଚ ଦାୟିତ୍ୱ ତୁଲାଇଛି। ପୂର୍ବରୁ ଜିଲାକଳା ସଂସ୍କୃତି ସଂଘର ଉପସଭାପତି, ରାଜ୍ୟକଳାସଂସ୍କୃତି ସଂଘର ଉପସଭାପତି ତଥା ନଗର କଳା ସଂସ୍କୃତି ସଂଘ ସଂସଦର ସଦସ୍ୟ ଭାବେ କାର୍ଯ୍ୟ କରିଛି। ରାଜ୍ୟସ୍ତରୀୟ ବ୍ୟବହାରିକ ପରିବର୍ତ୍ତନ ଓ ଯୋଗାଯୋଗ ତାଲିମ, ପୁନଃ ତାଲିମ କର୍ମଶାଳା, କର୍ମକର୍ତ୍ତାମାନଙ୍କର କର୍ମଶାଳା, ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ସାମାଜିକ ପରିବର୍ତ୍ତନ କର୍ମଶାଳାରେ ବିଭିନ୍ନ ବ୍ଲକର ତାଲିମଦାତାଙ୍କୁ ତାଲିମ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିଛି। ମୋତେ ସବୁଠୁ ଅଧିକ ଖୁସି ଦେଇଛି ମୋର ପ୍ରଥମ ବହି 'ଜୀବନ ଜିଜ୍ଞାସା', ପ୍ରଥମ ଭଜନ ସିଡୀ 'ରାଧେଶ୍ୟାମ'। ସର୍ବୋପରି ନିକଟ ଅତୀତରେ ରଚନାକରିଥିବା ପ୍ରଥମ ଗୀତିନାଟ୍ୟ 'ସମର ତରଙ୍ଗ' ମଞ୍ଚସ୍ଥ ହେଲା ପରେ ଦର୍ଶକମାନଙ୍କ ଯେଉଁ ପ୍ରଶଂସା ପାଇଥିଲି ତାହା ମୋତେ ଅଭିଭୂତ କରିଦେଇଥିଲା। ଏଥିପାଇଁ ତତ୍କାଳୀନ ଓଡ଼ିଆ ଭାଷା ଓ ସାହିତ୍ୟର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୋତେ କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ପ୍ରଥମ ସମର କାବ୍ୟ 'ସମର ତରଙ୍ଗ'କୁ ଗୀତିନାଟ୍ୟରେ ଲେଖିବାକୁ ଉତ୍ସାହିତ କରିଥିଲେ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ନାଟକ କଳା ପରିଷଦ କଳାକାରମାନଙ୍କ ଦ୍ୱାରା ଶତ୍ରୁଘ୍ନ ମାଟିଙ୍କ ନିର୍ଦ୍ଦେଶନାରେ, ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣାଙ୍କ ଦିଗ୍‌ଦର୍ଶନରେ ମଞ୍ଚସ୍ଥ ହୋଇଥିବା ଏହି ଗୀତିନାଟ୍ୟରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ସେହି ଗୀତିନାଟ୍ୟକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଦେଖି ଯେଉଁ ଖୁସି ପ୍ରକଟ କରିଥିଲେ ତାହା ମୋତେ ଆତ୍ମବିଭୋର କରିଥିଲା। ସେହି ନାଟକଟି ପ୍ରାୟ ୮ଟି ସ୍ଥାନରେ ମଞ୍ଚସ୍ଥ ହୋଇଛି। ଯାହା ମତେ ପରବର୍ତ୍ତୀ ସମୟରେ ଦ୍ୱିତୀୟ ଗୀତିନାଟ୍ୟ ସନ୍ଥକବି ଭୀମ ଭୋଇଙ୍କ ସମ୍ପର୍କରେ ଲେଖିବାକୁ ପ୍ରେରଣା ଯୋଗାଇଥିଲା।

ମୁଁ ଅନୁଭବ କରେ ଗୀତିନାଟ୍ୟରେ ଲୁଚିରହିଛି ଆମ ଲୋକକଳା ଓ ଲୋକସଂସ୍କୃତି ପରମ୍ପରାର ଜୀବନ।

# ପରିଚୟ ଦେଇଛି ଫାଇବର ଆର୍ଟ

**ଦିନେ ସଉକରେ କରୁଥିବା ହସ୍ତକଳା ଏବେ ମତେ ରୋଜଗାର ଦେବା ସହ ମୋ ପାଇଁ ପରିଚୟ ପାଲଟିଛି...**







ଭୁବନେଶ୍ୱରରୁ ୧୬ ନମ୍ବର ଜାତୀୟ ରାଜପଥରେ ବାଲୁଗାଁ ଅଭିମୁଖେ ଯିବା ବାଟରେ ନାରୁଣୀ ବଜାର ପୂର୍ବରୁ ରାସ୍ତାକଡ଼ରେ ଦୃଷ୍ଟିଗୋଚର ହେବ ଏକ ବୃଷଭ ଶୋଇଥିବା ମୂର୍ତ୍ତିଟିଏ। ଯାହା ଷଣ୍ଢଛକଭାବେ ପରିଚିତ। ଠିକ୍ ସମ୍ମୁଖଭାଗରେ ନଜରପଡ଼ିବ ବିଭିନ୍ନ ଦେବଦେବୀ, ଯୋଦ୍ଧାମାନଙ୍କ ପ୍ରତିମୂର୍ତ୍ତି ଦଣ୍ଡାୟମାନ ହୋଇଥିବାର ଦୃଶ୍ୟ। ଯେଉଁଠାରେ ରହିଛି ଜଣେ ଯୁବହସ୍ତଶିଳ୍ପୀଙ୍କ କର୍ମଶାଳା। ସେ ହେଲେ **ଦେବକାନ୍ତ ବାରିକ** । ସେ କୁହନ୍ତି, 'ଆମଘର ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗାଁରେ। ଲକ୍ଷ୍ମୀଧର ବିଦ୍ୟାପୀଠରେ ପଢୁଥିବା ବେଳେ ମୋର ଚିତ୍ର କରିବାରେ ଆଗ୍ରହ ଥିଲା। ପରବର୍ତ୍ତୀ ସମୟରେ ଆମ ଗାଁର ଶିଳ୍ପୀ ବିଶ୍ୱରଞ୍ଜନ ବଳବନ୍ତରାୟଙ୍କ ଠାରୁ ତାଲିମ ପାଇଲି, ଯାହାଙ୍କର ରାଜ୍ୟ ବାହାରେ ହସ୍ତଶିଳ୍ପ କାରିଗରଭାବେ ପରିଚୟ ରହିଛି। ଏହାପରେ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ଥିବା ରାଜ୍ୟ ହସ୍ତଶିଳ୍ପ କେନ୍ଦ୍ରରେ ଷ୍ଟୋନ କାର୍ଭିଙ୍ଗରେ ତିନିବର୍ଷିଆ କୋର୍ସ କଲି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ଷ୍ଟୋନ କାର୍ଭିଙ୍ଗ କର୍ମଶାଳାରେ ଯୋଗଦେଇଛି। ଦିଲ୍ଲୀ, ଅହମଦାବାଦ, ନାଗପୁର, ବାଙ୍ଗାଲୋର ଆଦି କେତେକ ସ୍ଥାନରେ ଏହି କଳାର ପ୍ରଦର୍ଶନ ସହିତ କେତେକ ହସ୍ତଶିଳ୍ପର କାର୍ଯ୍ୟ କରିଛି। ମୋ କଳା କାରିଗରୀର ଅନୁଭୂତି ଭିତରେ ଦିଲ୍ଲୀରେ ଫାଇବରରେ ନିର୍ମିତ ଏକ ୫୫ଫୁଟ୍‌ର ଶ୍ରୀକୃଷ୍ଣ ମୂର୍ତ୍ତି ଅନ୍ୟତମ, ଯାହାକୁ ତିଆରି କରିବାକୁ ମୋତେ ପ୍ରାୟ ୨ମାସ ସମୟ ଲାଗିଥିଲା। ଏଯାଏ ପ୍ରାୟ ୨ହଜାରରୁ ଅଧିକ ବିଭିନ୍ନ ଦେବଦେବୀ, ଜୀବଜନ୍ତୁ ଏବଂ ଐତିହାସିକ ଓ ପୌରାଣିକ ବିଷୟ ଆଧାରିତ ଚରିତ୍ରମାନଙ୍କ ରୂପକୁ ଫାଇବରରେ ନିର୍ମାଣ କରିସାରିଲିଣି। ଗୋଟିଏ ଫାଇବର ଆର୍ଟପାଇଁ ପ୍ରଥମେ ଆବଶ୍ୟକ ଅନୁସାରେ ଯେଉଁ କଳାକୃତି ଗଢ଼ାଯିବ ତା'ର ଏକ ନକଲକୁ ମାପ ଅନୁସାରେ ଡ୍ରଇଂ କରାଯାଇଥାଏ। ଏହା ପରେ ତା' ଉପରେ ମାଟିର ଛାଞ୍ଚ ତିଆରି କରାଯାଇଥାଏ। ପରେ ପ୍ଲାଷ୍ଟର ପ୍ୟାରିସରେ ସେହି ନମୁନାକୁ ପ୍ରସ୍ତୁତ କରାଯାଇଥାଏ। ତା'ପରେ ଫାଇବରକୁ ବ୍ୟବହାର କରାଯାଇ ସେହି ନମୁନାର ମୂର୍ତ୍ତିଟିଏ ନିର୍ମାଣ ହୋଇଥାଏ। ପରେ ମୂର୍ତ୍ତିକୁ ଫିନିସିଙ୍ଗ୍ କରାଯାଇ ଆବଶ୍ୟକ ମୁତାବକ ରଙ୍ଗବୋଳା ଯାଇଥାଏ।

ଆଜି ଏହି ହସ୍ତକଳା ମତେ କେବଳ ରୋଜଗାର ଦେଇନି ମୋ ପାଇଁ ପରିଚୟ ପାଲଟିଛି। ଏହାସହ ମୁଁ କିଛି ଲୋକଙ୍କ ରୋଜଗାରର ମାଧ୍ୟମ ବି ହୋଇଛି, ଯାହା ମତେ ଆତ୍ମସନ୍ତୋଷ ଦେଇଛି।




## ହାଃ ହାଃ

### କୁତବମିନାର

ଶିକ୍ଷକ ପିଣ୍ଟୁକୁ: କହିଲୁ ଦେଖି କୁତବ ମିନାର କେଉଁଠି ଅଛି ?
ପିଣ୍ଟୁ: ସାର୍, ମୁଁ ଜାଣିନି।
ଶିକ୍ଷକ ରାଗିକି: ବେଞ୍ଚ ଉପରେ ଠିଆ ହୁଅ।
ପିଣ୍ଟୁ ବେଞ୍ଚ ଉପରେ ଠିଆ ହୋଇ: ସାର୍, ବେଞ୍ଚ ଉପରେ ଠିଆ ହେବା ପରେ ବି ମତେ ଦେଖା ଯାଉନି କୁତବ ବିନାର କେଉଁଠି ଅଛି।

### ପେପର

ସୋନୁ ବହି ଦୋକାନକୁ ଯାଇ: ଅଙ୍କଲ ପ୍ରିଣ୍ଟର ପାଇଁ ପେପର୍ ଦେବେ।
ଦୋକାନୀ: ଏ୪ ?
ସୋନୁ: ଏ ଫର୍ ଆପଲ୍। ଏବେ ତ ଦିଅ। ନା 'ବି' ଫର୍ କ'ଣ ବୋଲି କହିବି।

### ବିଶ୍ରାମ

ଡାକ୍ତର ମହିଳାଙ୍କୁ: ଆପଣଙ୍କ ସ୍ୱାମୀଙ୍କୁ ଶାନ୍ତି ଓ ବିଶ୍ରାମ ନିହାତି ଆବଶ୍ୟକ। ସେଥିପାଇଁ ମୁଁ ଏଇ ନିଦ ବଟିକା ଲେଖି ଦେଉଛି।
ମହିଳା: ଏଇ ନିଦ ବଟିକା ତାଙ୍କୁ ମୁଁ କେତେବେଳେ ଦେବି ?
ଡାକ୍ତର: ଏଇଟା ତାଙ୍କ ପାଇଁ ନୁହେଁ, ମୁଁ ଆପଣଙ୍କ ପାଇଁ ଲେଖିଛି।

### ସ୍ତ୍ରୀ

ଗୋପାଳ ମୋହନକୁ: ବୟସ ଆସି ଏତେ ହେଲାଣି। ବାହା ହଉନୁ କାହିଁକି ?
ମୋହନ: ମତେ ଯେମିତି ଝିଅ ଦରକାର ସେମିତି ମିଳୁନି କ'ଣ କରିବି।
ଗୋପାଳ: କେମିତିଆ ଝିଅ ତୁ ଚାହୁଁଛୁ କି ?
ମୋହନ: ଜହ୍ନ ଭଳି।
ଗୋପାଳ: ଜହ୍ନ ଭଳି କ'ଣ ପାଇଁ ?
ମୋହନ: ରାତିରେ ଆସି ସେ ଦିନରେ ପଳଉଥିବ। ଝଗଡ଼ାର ଚାନ୍ସ ନ ଥିବ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ: **କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ଗରମପାନି ଅଭୟାରଣ୍ୟ



**ଆସାମର କାର୍ବି ଆଙ୍ଗଲୋଙ୍ଗ ଜିଲା ଅନ୍ତର୍ଗତ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ହେଉଛି ଗରମପାନି ବନ୍ୟ ଅଭୟାରଣ୍ୟ। ଏଠାରେ ବିଭିନ୍ନ ପ୍ରଜାତିର ପ୍ରାଣୀ ଓ ନାନା କିସମର ବୃକ୍ଷଲତା ଦେଖିବା ସହ ପର୍ଯ୍ୟଟକ ଉଷ୍ମ ପ୍ରସ୍ରବଣର ଶୋଭାକୁ ମଧ୍ୟ ଉପଭୋଗ କରିପାରିବେ...**



ଆସାମର କାର୍ବି ଆଙ୍ଗଲୋଙ୍ଗ ଜିଲାରେ ରହିଛି ଏମିତି ଏକ ଅଭୟାରଣ୍ୟ ; ଯେଉଁଠାରେ ଜାତିଜାତିକା ପଶୁପକ୍ଷୀ ଓ ନାନା କିସମର ବୃକ୍ଷଲତା ସହିତ ଉଷ୍ମ ପ୍ରସ୍ରବଣ ଦେଖିବାର ମଧ୍ୟ ସୁଯୋଗ ପାଇଥାନ୍ତି ପର୍ଯ୍ୟଟକ। ଯେହେତୁ ଏହି ଉଷ୍ମ ପ୍ରସ୍ରବଣର ପାଣିକୁ ଛୁଇଁଲେ ସାମାନ୍ୟ ଗରମ ବା ଉଷୁମ ଲାଗେ, ସେଥିପାଇଁ ଏହି ଅଭୟାରଣ୍ୟର ନାଁ ଗରମପାନି ବନ୍ୟ ଅଭୟାରଣ୍ୟ ରଖାଯାଇଥିବା ବିଶ୍ୱାସ କରାଯାଏ। ସୂଚନାନୁଯାୟୀ, ପ୍ରାୟ ୬.୦୫ ବର୍ଗ କି.ମି. ପରିବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଅଭୟାରଣ୍ୟକୁ ୧୯୫୨ ମସିହାରୁ ସରକାରଙ୍କ ତରଫରୁ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିସାରିଛି। ଆକାରରେ ଛୋଟ ହେଲେ ବି ଏହା ମଧ୍ୟରେ ରହିଛି ଅନେକ ଦେଖିଲା ଭଳି ଜିନିଷ ; ଯାହା କି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

### କ'ଣ ଦେଖିବେ

ଏହି ଅଭୟାରଣ୍ୟ ମଧ୍ୟରେ ଏକ ପ୍ରାକୃତିକ ଜଳଉସ୍ସ ରହିଛି ; ଯାହାର ପାଣି କି ବର୍ଷର ଯେକୌଣସି ସମୟରେ ଛୁଇଁଲେ ସାମାନ୍ୟ ଗରମ ଲାଗେ। ଆଉ ସାଧାରଣରେ ଯାହାକୁ ଉଷ୍ମ ପ୍ରସ୍ରବଣ ବୋଲି କୁହାଯାଏ। ତେବେ ଏହି ଗରମ ପାଣିର ମୁଖ୍ୟ ଉସ୍ସକୁ ଉକ୍ତ ଅଭୟାରଣ୍ୟ ଭିତରେ ଏକ ବିରାଟ କୁଣ୍ଡର ଆକୃତି ଦିଆଯାଇ ତା'ମଧ୍ୟରେ ସଂରକ୍ଷଣ କରି ରଖାଯିବା ସହ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କୁଣ୍ଡ ଚାରିପଟେ ସୁନ୍ଦର ସୁନ୍ଦର ପାହାଚମାନ ତିଆରି କରାଯାଇଛି ; ଯଦ୍ଦ୍ୱାରା ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଉକ୍ତ ପାହାଚରେ ବସି ପାଣିରେ ହାତ ବୁଡ଼ାଇ ଜଳ କେତେ ଉଷୁମ ଅଛି ତାହାର ମଜା ନେଇଥାନ୍ତି। କେହି କେହି ତ ଏହି ପାଣିରେ ଗାଧୋଇ ବି ଥାନ୍ତି। ସେମାନଙ୍କର ବିଶ୍ୱାସ, ଏହି ଉଷୁମ ପାଣିରେ ଗାଧୋଇଲେ ଚର୍ମରୋଗ କୁଆଡ଼େ ହୁଏନାହିଁ। ସେଥିପାଇଁ ତ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଉଷ୍ମ ପ୍ରସ୍ରବଣ ବୁଲି ଦେଖିବା ସହ ପର୍ଯ୍ୟଟକ ଏହି ଅଭୟାରଣ୍ୟରେ ସଂରକ୍ଷଣ କରି ରଖାଯାଇଥିବା ବାଘ, ହାତୀ, ଗୟଳ, ହରିଣ, ସମ୍ବର, ଜଙ୍ଗଲି ଘୁଷୁରି, ଜଙ୍ଗଲି କୁକୁର, ରିସସ ମକାକ, ହୁଲକ୍ ଗିବନ୍ ସମେତ ନାନା ପ୍ରଜାତିର ପକ୍ଷୀଙ୍କୁ ମଧ୍ୟ ଦେଖିପାରିବେ। ଖାସ୍‌କରି ଗ୍ରେଟ୍ ପାଏଡ୍ ହର୍ନବିଲ୍ ଓ ହିଲ୍ ମୈନା ପକ୍ଷୀ ଏଠାରେ ବହୁ ମାତ୍ରାରେ ଦେଖିବାକୁ ମିଳିଥାନ୍ତି। କେବଳ ସେତିକି ନୁହେଁ, ଅଜଗର, ଅହିରାଜ, ଗୋଧି ସମେତ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରଜାପତି ବି ଏଠାରେ ଦେଖାଯାଇଥାନ୍ତି। ତା'ଛଡ଼ା ବିଭିନ୍ନ କିସମର ବୃକ୍ଷଲତା ଓ ଔଷଧୀୟ ଗଛ ବି ଏହି ଅଭୟାରଣ୍ୟରେ ରହିଛି ; ଯାହାକୁ ପର୍ଯ୍ୟଟକ ବୁଲି ଦେଖିପାରିବେ। ଏସବୁ ବ୍ୟତୀତ ଏହି ଅଭୟାରଣ୍ୟରେ ଏକ ହ୍ୟାଙ୍ଗିଙ୍ଗ୍ ବ୍ରିଜ୍ ବି ରହିଛି ; ଯାହା ଉପରେ ଚାଲିଚାଲି ପର୍ଯ୍ୟଟକ ଏସବୁ ସୌନ୍ଦର୍ଯ୍ୟକୁ ବେଶ୍ ମନଭରି ଉପଭୋଗ କରିବା ସହ ନିଆରା ଆନନ୍ଦ ଲଭିପାରିବେ। ଏହାଛଡ଼ା ଗରମପାନି ବନ୍ୟ ଅଭୟାରଣ୍ୟର କିଛି ଦୂରରେ ଆଉ ଏକ ଅଭୟାରଣ୍ୟ ମଧ୍ୟ ରହିଛି ; ଯାହାର ନାଁ ହେଉଛି ନାମ୍ବୋର ଅଭୟାରଣ୍ୟ। ଉକ୍ତ ଅଭୟାରଣ୍ୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଅର୍କିଡ୍ ଫୁଲ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ବୁଲିଯାଇପାରିବେ।




### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ ନଭେମ୍ବରରୁ ଏପ୍ରିଲ୍ ହେଉଛି ଗରମପାଣି ବନ୍ୟ ଅଭୟାରଣ୍ୟକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ସେହିପରି ଏହି ଅଭୟାରଣ୍ୟକୁ ବୁଲିଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ଜୋରହାଟ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ସେହିପରି ଆସାମର ଗୌହାଟିଠାରୁ ପ୍ରାୟ ୩୩୦ କି.ମି. ଏବଂ ଗୋଲାଘାଟ ନାମକ ସ୍ଥାନଠାରୁ ପ୍ରାୟ ୨୫ କି.ମି. ଦୂରରେ ରହିଛି ଉକ୍ତ ଅଭୟାରଣ୍ୟଟି ; ଯେଉଁଠାରୁ ବସ୍ ହେଉକି ଟ୍ୟାକ୍ସି ଆରାମରେ ମିଳିଯିବ ଗରମପାନି ଅଭୟାରଣ୍ୟ ନିକଟକୁ ଯିବାପାଇଁ।

### ଫଟୋଗ୍ରାଫିର ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଅଭୟାରଣ୍ୟଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।







# ଶୁଆ କେମିତି କହେ କଥା

ଶୁଆ ଏମିତି ଏକ ପକ୍ଷୀ ଯିଏକି ମଣିଷର କଥାକୁ ଅନୁକରଣ କରି ମଣିଷ ଭଳି କଥା କହିପାରେ। ତା'ର ମିଟୁ ମିଟୁ ଡାକ, ବାପା, ମା' ଭାଇ ଡାକ ଶୁଣିବାକୁ ଭାରି ଭଲ ଲାଗେ। ସେଥିପାଇଁ ତ ଶୁଆ କାହିଁ କେଉଁ କାଳରୁ ମଣିଷର ପ୍ରିୟ ପକ୍ଷୀ ହୋଇ ରହିଆସିଛି। ତେବେ କେବେ ଭାବିଛନ୍ତି କି ଶୁଆ କେମିତି ମଣିଷ ଭଳି କଥା କହିପାରେ ? ଜାଣନ୍ତୁ ସେ ସମ୍ପର୍କରେ..

ଶୁଆଙ୍କର ମଣିଷ ଭଳି ନା ଜିଭ ଅଛି, ନା ଓଠ, ନା ହିଁ ଅଛି ତାଲୁ। ସେମାନଙ୍କର ଭୋକାଲ କର୍ଡ ବି ନାହିଁ। ତଥାପି ସେମାନେ ମଣିଷ ପରି କଥା କହିପାରନ୍ତି। ତେବେ ଏହା ସମ୍ଭବ ହୁଏ କେମିତି ?

ବିଜ୍ଞାନ କହେ, ଶୁଆର ଟ୍ରାକିଆ ବା ଶ୍ୱାସନଳୀରେ ସିରିଂକ୍ସ ନାମକ ଏକ ଅଙ୍ଗ ଥାଏ, ଯାହାକି ଫୁସ୍‌ଫୁସ୍ ଓ ୱିଣ୍ଡ ପାଇପ୍ ମଝିରେ ଥାଏ। ମଣିଷ ଗଳାରେ ଥିବା ଲାରିଂକ୍ସ(ଶବ୍ଦପେଟି) ପରି ସିରିଂକ୍ସର ଭୋକାଲ ଫୋଲ୍ଡ ବି ଥାଏ। ଯେତେବେଳେ ଶୁଆ ଶ୍ୱାସକ୍ରିୟା କରେ ବାୟୁ ସିରିଂକ୍ସ ଦେଇ ଗତି କରେ। ମଣିଷର ଲାରିଂକ୍ସଠାରୁ ସିରିଂକ୍ସ ଅଧିକ ଫ୍ଲେକ୍ସିବଲ୍। ତେଣୁ ବାୟୁ ଗତି କଲାବେଳେ ଏହାର ଉଭୟ ପାର୍ଶ୍ୱରେ କମ୍ପନ ସୃଷ୍ଟି ହୋଇ ଭିନ୍ନ ଭିନ୍ନ ଶବ୍ଦ ବାହାରିଥାଏ। ତା'ଛଡ଼ା ଶୁଆ କେଉଁ ପ୍ରକାରର ଶବ୍ଦ ବାହାର କରିବ ତାହା ତା' ଗଳାରେ ଥିବା ଅନେକଗୁଡିଏ ମାଂସପେଶୀ ଓ ସିରିଂକ୍ସ ବାହାରେ ଥିବା ଅନେକ ନରମ ହାଡର ରିଙ୍ଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ତା'ସହ ନକଲ କରିବାର ସଜ୍ଞାନାତ୍ମକ ତନ୍ତ୍ର ବା କଗନିଟିଭ ମେକାନିଜ୍ମ ଅଫ୍ ଇମିଟେସନ୍ ଦ୍ୱାରା ସେମାନେ ମଣିଷ ଯାହା କହେ ତାକୁ ନକଲ କରି ମଣିଷ ଭଳି କଥା କହିପାରନ୍ତି। ଏହାବାଦ ଶୁଆର ମୋଟା ଜିଭ ବି ମଣିଷ ପରି ଶବ୍ଦ ବାହାର କରିବାରେ ସାହାଯ୍ୟ କରିଥାଏ। କାରଣ ଜିଭର ମୁଭମେଣ୍ଟ ବି ଶବ୍ଦରେ





ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିଥାଏ।

ଶୁଆ ମଣିଷ କହୁଥିବା କଥାର ନକଲ କରିପାରେ। ହେଲେ ସେମାନେ ଯେଉଁ ଶବ୍ଦକୁ ନକଲ କରନ୍ତି ତା'ର ଭାବ ବା ଅର୍ଥ ସେତେଟା ବୁଝି ନ ଥାନ୍ତି ବୋଲି କିଛି ଗବେଷଣା କହେ। ଅର୍ଥାତ୍ ଶୁଆ ଆପଣଙ୍କୁ ପଚାରିପାରେ ଯେ, ଆପଣ କେମିତି ଅଛନ୍ତି। ତା'ର ଅର୍ଥ ନୁହେଁ କି ସେ ନିଜର ମସ୍ତିସ୍କକୁ ବ୍ୟବହାର କରି ଭାବି ଚିନ୍ତି କହିଥାଏ। ବରଂ ସେ ଏହି କଥାକୁ ବାରମ୍ବାର କାହା ମୁହଁରୁ କହୁଥିବାର ଶୁଣି ତାକୁ ମନେ ରଖି ନକଲ କରି କହେ। ଆମେ ଏହା ବି କହିପାରିବା ଯେ, ଶୁଆ ଭଲ ମିମିକ୍ରି କରିପାରେ। ତେବେ ଆଉ କିଛି ଗବେଷଣା ଏହାର ବିପରୀତ କହେ ଯେ, ଶୁଆର ମସ୍ତିସ୍କ ବଡ଼ ଓ ମଣିଷର ମସ୍ତିସ୍କ ସଂରଚନା ପରି ହୋଇଥାଏ। ତେଣୁ ଏହା ଏକ ବୁଦ୍ଧିମାନ ପକ୍ଷୀ। ଏହାର ଜଟିଳ ସ୍ୱର କ୍ଷମତା ଥିବା ସହ ଜ୍ଞାନ ବି ଅଛି। ତା'ଛଡ଼ା ଏମାନେ ସାମାଜିକ ସଂରଚନା ଭିତରେ ରହନ୍ତି। ତେଣୁ ଆଖପାଖର ମଣିଷଙ୍କ ସହ କଥା ହେବାକୁ ଚେଷ୍ଟା କରନ୍ତି ଓ ମିଶିଥାନ୍ତି। ଏମାନେ ଖାଲି ମଣିଷ ପରି କଥା ହୁଅନ୍ତି ନାହିଁ। ବରଂ ଗୀତ ବି ଗାଇ ପାରନ୍ତି। ସେପୁଣି ମଣିଷ ଭଳି ଖୁସି ଥିବାବେଳେ।

**ଭଲ କଥା କହୁଥିବା ଶୁଆ:** ଆଫ୍ରିକାନ ଗ୍ରେ ଶୁଆ ମଣିଷ ପିଲାଙ୍କ ଭଳି କଥା କହିପାରେ। ତା'ଛଡା ୟେଲୋ ନେପ୍‌ଡ ଆମାଜନ ପ୍ୟାରୋଟ୍, ଡବଲ ଆମାଜନ ୟେଲୋ ହେଡ ଆମାଜନ ପ୍ୟାରୋଟ, ଏକଲିକଟସ୍ ପ୍ୟାରୋଟ୍ ଆଦି ଭଲ କଥା କହୁଥିବା ଶୁଆଭାବେ ଜଣାଶୁଣା।



# ସବୁଠୁ ବଡ଼ ବବଲ୍

ବବଲ୍ ଗମ୍ ଚୋବାଇ ଖାଇବା ଓ ତାକୁ ଫୁଲାଇ ବବଲ୍ କରି ଫୁଟାଇବା ପିଲାଦିନର ଏକ ମଜାଦାର ଗେମ୍। ଏମିତିକି ପିଲାଙ୍କ ଭିତରେ କିଏ କେତେ ବଡ଼ ବବଲ୍ କରିପାରୁଛି ତା'ର ପ୍ରତିଯୋଗିତା ବି ହୁଏ। ତେବେ ଆମେରିକା, ଆଲବାମାସ୍ଥ ୱିନଷ୍ଟନ୍‌ର ଚାଡ ଫେଲ୍ ନାମକ ଜଣେ ବ୍ୟକ୍ତି ପିଲାଦିନର ଏହି ପ୍ରତିଯୋଗିତାକୁ ନେଇ ରେକର୍ଡ କରିବାକୁ ମନସ୍ଥ କରିଥିଲେ। ଅର୍ଥାତ୍ ସେ ବବଲ୍‌ଗମ୍‌ରେ ସବୁଠୁ ବଡ଼ ବବଲ୍ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେ ଏକାଥରେ ତିନିଟି ଡବଲ୍ ବବଲ୍‌ଗମ୍ ଚୋବାଇ ବବଲ୍ କରିବାକୁ ପ୍ରୟାସ କଲେ। ଶେଷରେ ସେ ୫୦ ସେ.ମି. ଏବଂ ୮ମିଲିମିଟର ବା ୨୦ଇଞ୍ଚ ବ୍ୟାସର ଏକ ବିରାଟ ବବଲ୍ କରିବାରେ ସଫଳ ହେଲେ। ଆଉ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବବଲ୍ ଗମ୍‌ରେ ସବୁଠୁ ବଡ଼ ବବଲ୍ କରିଥିବା ବ୍ୟକ୍ତି ଭାବେ ସ୍ଥାନ ପାଇଲା।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ମାତୃଭାଷା ବିସମ୍ବାଦ

କେଉଁଠି ଠାଏ ଶୁଣିଥିଲି ଓଡ଼ିଆ ପ୍ରେମ କଲେ ବଙ୍ଗଳା ଓ ରାଗିଲେ ହିନ୍ଦୀ କୁହନ୍ତି। ମୋ ଜାଣିବାରେ ଲୋକେ ମୁହଁବୋଲା ଷ୍ଟାଟସ ପାଇଁ ଦାନ୍ତ ଚିପି ଦରଖଣ୍ଡିଆ ଇଂଲିଶ କୁହନ୍ତି । ଏଇ ନିକଟରେ ନିଜ ଏରିଆ ମ୍ୟାନେଜରଙ୍କୁ ମେଡ଼ିସିନ ରିପ୍ରେଜେଣ୍ଟେଟିଭ କହୁଥିବାର ଶୁଣିଥିଲି, 'ବାନ୍ଧାଥା ଯୋ ପେଟି ମୋଟରସାଇକେଲ କା ପଛମେଁ, ଏଭ୍ରିଥିଙ୍ଗ ଓଦା ହୋଗୟା ସାର୍ ... ।' ଟିଭି ଆଙ୍କରଙ୍କ ପ୍ରଶ୍ନର ଉତ୍ତରରେ ଓଡ଼ିଆ ତାରକା କହୁଥିଲେ, ୟୁ ନୋ ଥଣ୍ଡା ହାୱା ଚାଲିଥାଏ ଯେବେ ଆଇ ଉଡ୍ ପ୍ରିଫର୍ ଗ୍ରୀନ୍ ଟି' ଆଣ୍ଡ ଅରିଜିତ ମ୍ୟୁଜିକ। କପାଳ ଉପରକୁ ଖସି ପଡ଼ିଥିବା କେରାଏ କେଶକୁ ଆଙ୍ଗୁଠିରେ ଗୁଡ଼ାଇ ଗୁଡ଼ାଇ କଥା କହୁଥିବା ଆମର ତଥାକଥିତ ରଙ୍ଗିନ ତାରକାଙ୍କ କଥାକୁ ସେତିକି ନ କାନେଇଲେ କ'ଣ ସେ କହୁଛନ୍ତି କିଛି ବି ବୁଝାପଡିବନି । ଯଦି ଗୋଟିଏ ଜାତି ନିଜର ମଞ୍ଜି ଅନୁଭବକୁ ଅନ୍ୟ ଭାଷାରେ ଗୋଳେଇଘାଣ୍ଟି ପରିପ୍ରକାଶ କରେ ତେବେ କେଉଁ ଅନୁଭବକୁ ସେ ନିଜ ଭାଷାରେ ପ୍ରକାଶ କରିବ ?

ବିଡ଼ମ୍ବନା ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସତାଅଶୀ ବର୍ଷ ପରେ ମଧ୍ୟ ଆମେ ଏବେ ଆମ ଭାଷାର ସୁରକ୍ଷା ପାଇଁ ବିବ୍ରତ ଓ ଚିନ୍ତିତ । ଆଜି ପର୍ଯ୍ୟନ୍ତ କେତେ କାନୁନ ହେଲାଣି ଓଡ଼ିଆରେ ଦପ୍ତର କାମ କରିବା ପାଇଁ , ହେଲେ ବାସ୍ତବ ସ୍ଥିତିରେ ଉନ୍ନତି ନାହିଁ। ଶୁଦ୍ଧ ଓଡ଼ିଆ ଲେଖିବାକୁ ଯାଇ କେହି କେହି ଡେଲିଭରକୁ ପ୍ରସବ ଓ ପିନ୍‌କୁ ଛୋଟ କିଳା ବୋଲି ଲେଖି ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛନ୍ତି । ଉତ୍ସବ ପ୍ରିୟ ରାଜ୍ୟରେ ଭାଷା ପାଇଁ ବି ଗୋଟିଏ ଉତ୍ସବର ଦିନ ରହିଛି। ଏହିଦିନ ସରକାରୀ ବେସରକାରୀ ସମସ୍ତେ ଓଡ଼ିଆ ଭାଷା ପାଇଁ ଚିନ୍ତା ପ୍ରକଟ କରନ୍ତି। ସ୍ଲୋଗାନ ତିଆରି ହୁଏ । ସ୍କୁଲ କଲେଜରେ ଭାଷାକୁ ନେଇ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ହୁଏ। ମୁଣ୍ଡି ସାହିତ୍ୟିକଙ୍କ କବିତା ଆବୃତ୍ତି ହୁଏ । ପ୍ରତିଷ୍ଠିତ ସାହିତ୍ୟିକଙ୍କ ଲେଖା ସବୁ ମଗାଯଚା ହୋଇ ଖବରକାଗଜରେ ଛପା ହୁଏ । ସାହିତ୍ୟ କ୍ଷେତ୍ରରେ ସଂଘର୍ଷ କରୁଥିବା ସାହିତ୍ୟିକ ସୋସିଆଲ ମିଡିଆରେ ଅତ୍ୟୁତ୍ସାହୀ ହୋଇ ରକମ ରକମର ଲେଖା ଛାଡ଼ନ୍ତି । ଭାଷାପ୍ରାଣଙ୍କ ଆକୁଳ କ୍ରନ୍ଦନରେ ଭାବବିହ୍ୱଳ ହୋଇ କେତେଜଣ ଆବଶ୍ୟକ ହେଲେ ଭାଷାର ସୁରକ୍ଷା ପାଇଁ ଆତ୍ମାହୁତି ଦେବାକୁ ଇଂଲିଶରେ ଶପଥ ନିଅନ୍ତି । ସଭା ସମିତିର ଆଳରେ ଭୋଜିଭାତର ଆୟୋଜନ ହୁଏ। ସେହି ଗୋଟିଏ ଦିନ ସାରା ରାଜ୍ୟ ଓଡ଼ିଆମୟ ହୋଇଯାଏ।

ନିକଟରେ ରାଜ୍ୟ ସାରା ଉତ୍କଳ ସମ୍ମିଳନୀର ଶହେ କୋଡିଏ ତମ ବର୍ଷ ପୂର୍ତ୍ତି ପାଳନ ହେଲା । ଏବେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଧୁମଧାମ୍‌ରେ ପାଳିତ ହେଉଛି । ବର୍ଷ ଯାକ ପ୍ରତି ଜିଲାରେ ଆନ୍ତର୍ଜାତିକ ସାହିତ୍ୟ ଉତ୍ସବ ଆୟୋଜିତ ହେଉଛି । ଘରେ ଘରେ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସାହିତ୍ୟକୁ ସମୃଦ୍ଧ କରିଥିବା ସାହିତ୍ୟିକମାନଙ୍କୁ ସମ୍ମାନିତ କରାଯାଉଛି। ନୂତନ ସାହିତ୍ୟିକ ପ୍ରତିଭାମାନଙ୍କୁ ଉତ୍ସାହିତ କରିବାକୁ ଜୁକରବର୍ଗ ଫେସ୍‌ବୁକ୍ ଭଳି ମାଗଣା ସେବା ଯୋଗେଇ ଦେଇଛନ୍ତି । ତଥାପି ଓଡ଼ିଆ ଭାଷା କାଳେ ବିପଦରେ ବୋଲି ଘରେ ଇଂଲିଶ, ହିନ୍ଦୀ କହୁଥିବା ଲୋକେ ବାହାରେ ରଡି ବୋବାଳି ଛାଡୁଛନ୍ତି । ପରସ୍ପରକୁ ଭାଷାର ଶତ୍ରୁ ବୋଲି ଚିହ୍ନଟ କରି ଅତ୍ୟନ୍ତ ପାଣ୍ଡିତ୍ୟପୂର୍ଣ୍ଣ ଲେଖାମାନ ଛାଡ଼ି ଆଉ ଥୋକେ ନିଜର ଭାଷା ପ୍ରତି ଆନୁଗତ୍ୟ ଦେଖାଉଛନ୍ତି । କବି ସିନା ଲେଖିଥିଲେ ''ପାହିଲାଣି ଏବେ ତାମସୀ ରଜନୀ, ଫୁଟିବ ଉତ୍କଳ ଭାଷା କମଳିନୀ ।'' ହେଲେ ଶହେ ବର୍ଷ ପୂରିଲାଣି ସିନା ଭାଷା ପଦ୍ମ କ'ଣ ପୋକସୁଙ୍ଗା ଫୁଲ ବି ଭଲରେ ଫୁଟୁନାହିଁ।

ନିକଟରେ ଜଣେ ନାମଜାଦା ଚିନ୍ତକ ଆମ ଭାଷା ସାହିତ୍ୟର ଦୁର୍ଦ୍ଦିନ ବିଷୟରେ ଆନ୍ତର୍ଜାତିକ ସମ୍ମିଳନୀରେ କହୁ କହୁ କୋହ ସମ୍ଭାଳି ନ ପାରି ପକେଟରୁ ରୁମାଲ ବାହାରକରି ଲୁହ ପୋଛିବା ଦୃଶ୍ୟ ଅନେକ ଶ୍ରୋତାଙ୍କୁ ଭାବପ୍ରବଣ କରିଦେଲା । କେହି କେହି ଦର୍ଶକ ନିଜ ମୁହଁ ବି ପୋଛି ପକେଇବାର ନଜିର ମିଡ଼ିଆବାଲା ଦେଖାଇଲେ। ଆଉ ଜଣେ ଖ୍ୟାତନାମା ବିଦ୍ୱାନ୍ ବିଦେଶୀ ଦାର୍ଶନିକମାନଙ୍କ ଉକ୍ତିର ବହୁଳ ପ୍ରୟୋଗ ଦ୍ୱାରା ବୁଝେଇଦେଲେ ଯେ, କୌଣସି ଜାତିର ଅସ୍ମିତା ପାଇଁ ଭାଷାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସମୁଦାୟ ଭାଷଣରୁ ଏ ଅଧମ ଏତିକି ବୁଝିଲା ଯେ, ଏହି ଗୁରୁତ୍ୱପୂର୍ଣ୍ଣ କଥାଟିକୁ ଆଜିଯାଏ କୌଣସି ଓଡ଼ିଆ ପଣ୍ଡିତ ଜାଣିନାହାନ୍ତି କିମ୍ବା କହିନାହାନ୍ତି। ବିଦ୍ୱାନ୍ ମହୋଦୟ କିନ୍ତୁ ଦାର୍ଶନିକଙ୍କ ଇଂଲିଶ ଉକ୍ତି ଉଦ୍ଧାର କରି କହିଲେ, ମାତୃଭାଷାର ଗୁରୁତ୍ୱ କ'ଣ ସେକଥା ଜାଣିବା ପାଇଁ ଆମ ଭାଷାରେ କ'ଣ




କିଛି ନାହିଁ ? ଶେଷରେ ମୁଖ୍ୟ ଅତିଥି ବିଭାଗୀୟ ମନ୍ତ୍ରୀ ଅଧିକାରୀଙ୍କୁ ସଭାରେ ନିର୍ଦ୍ଦେଶ ଦେଲେ ଆଜିଠୁ ଯେମିତି ସବୁ ସରକାରୀ କାମ ଓଡ଼ିଆରେ ହେବ, ସେଥିପାଇଁ ତୁରନ୍ତ ଅର୍ଡର ପାସ୍ କର । ଅଧିକାରୀ ମଧ୍ୟ ଛିଡାହୋଇ ୟେସ୍ ସାର୍ କହିଲେ। ସମସ୍ତଙ୍କ କରତାଳି ମଧ୍ୟରେ ପୁଣିଥରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ସଭାର ଆୟୋଜନ ହେବାକୁ ଆୟୋଜକ ପ୍ରତିଶ୍ରୁତି ଦେଲେ ।

ଆମେ ପିଲାବେଳେ ଇଂଲିଶ ପଢୁଥିଲୁ, ଓଡ଼ିଆରେ ବୁଝୁଥିଲୁ । ଏବେ ଯୁଗ ବଦଳିଛି। ଆମ ପିଲା ଓଡ଼ିଆ ପଢୁଛନ୍ତି, ଇଂଲିଶରେ ବୁଝୁଛନ୍ତି । ଯେଉଁଠି ସ୍କୁଲରେ ଓଡ଼ିଆ ଦ୍ୱିତୀୟ ଭାଷା ସେଠି ଶିକ୍ଷକ ଅବା କରିବ କ'ଣ ! ଓଡ଼ିଆ ସାହିତ୍ୟ ବହିରୁ ଗୋଟିଏ ପାରା ପଢେଇ ତାକୁ ଇଂଲିଶରେ ପିଲାଙ୍କୁ ବୁଝେଇବାକୁ ପଡୁଛି । ଅବଶ୍ୟ ଏ ସବୁ ଆମ ଦେହସୁହା କଥା ହେଲାଣି । ଫୋନରେ କୌଣସି ସାହାଯ୍ୟ ନେବାକୁ ହେଲେ ଓଡ଼ିଆ ଭାଷା ପାଇଁ ତିନି ଟିପିବାକୁ ପଡୁଛି । ଓଡ଼ିଆରେ ଦରଖାସ୍ତ ଲେଖିଲେ ଅଧିକାରୀ ଏଲିଅନକୁ ଦେଖିଲା ଭଳି ଅନାଉଛି । ଆମେ ଏତେ ଉଦାରବାଦୀ ଯେ ଓଡ଼ିଆ ଜଣେ ଗର୍ବରେ କହିପାରୁଛି ମୁଁ ଓଡ଼ିଆ ଭାଷାରେ କମ୍ଫର୍ଟେବଲ ନୁହେଁ । ଓରିଆ ଲାଙ୍ଗୁଏଜ ଇଜ୍ ନଟ୍ ମାଇଁ କପ୍ ଅଫ୍ ଟି ।

ଓଡ଼ିଆ ଭାଷା ଯଦି ବଞ୍ଚିଛି ତେବେ ଓଡ଼ିଶାର ଗ୍ରାମାଞ୍ଚଳରେ । ଏହାକୁ ସେମାନଙ୍କ ବାଧ୍ୟବାଧକତା କହିପାରନ୍ତି କିମ୍ବା ଭାଷାପ୍ରୀତି । ଆଜି ବି ସେମାନେ ଓଡ଼ିଆ ପଢ଼ନ୍ତି ଓ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି । ଗାଁର ପୁଅ ଶିକ୍ଷିତ ହୋଇ ଇଂଲିଶ ଜାଣିଲା ପରେ ସେ ଆଉ ଗାଁରେ ନ ରହି ସହରମୁଖୀ ହୁଏ । ତା'ପରେ ଓଡ଼ିଆ ଭାଷାର ଐସି କି ତୈସି କରିଦିଏ । ତାକୁ ଓଡ଼ିଆ ଭାଷା ଆଉ ବେଶି ଦରକାର ମନେ ହୁଏନି । ଓଡ଼ିଆ ଭାଷା ଓ ଅସ୍ମିତାକୁ ନେଇ କାନ୍ଦୁଥିବା ଲୋକ ଏହି ଗୋଷ୍ଠୀର । ସହରୀ ଲୋକ ବିଶେଷକରି ସହରୀ ସାହିତ୍ୟିକ ଭାଷାର ଅବକ୍ଷୟକୁ ନେଇ ବେଶି କାନ୍ଦନ୍ତି। କାରଣ ଓଡ଼ିଆ ଭାଷା ବଞ୍ଚିଲେ ସେମାନେ ବଞ୍ଚିବେ । ଗାଁର ପାଠକଙ୍କ ପାଖରେ ସେମାନଙ୍କ ସାହିତ୍ୟ ଅପହଞ୍ଚ । ସହରୀ ପାଠକଙ୍କ ଅନାଗ୍ରହ ସେମାନଙ୍କୁ ଚିନ୍ତିତ କରିବା ସ୍ୱାଭାବିକ । କୁହାଯାଏ ଯାହାର ଯେଉଁଥିରେ ଅଭାବ ଅଛି ସେ ସେହି ବିଷୟ ପ୍ରତି ବେଶି ସଚେତନ କିମ୍ବା ଚିନ୍ତିତ ଥାଏ । ଯଦି ଏହି ସିଦ୍ଧାନ୍ତଟି ସତ୍ୟ ବୋଲି ଧରିବା ତେବେ ସଭାରେ ଓଡ଼ିଆ ଭାଷା ପାଇଁ କ୍ରନ୍ଦନ କରୁଥିବା ଲୋକଙ୍କ ଭାଷାପ୍ରେମର ଅଭାବ ଅଛି ବୋଲି ଧରିନେବାକୁ ହେବ । କାରଣ ଗାଁ ଗହଳିରେ କିଏ ଓଡ଼ିଆ ଭାଷାର ଦୁର୍ଦ୍ଦିନ ପାଇଁ କାନ୍ଦୁଥିବାର ଏହି ଲେଖକ କେଉଁଠି ଦେଖିନି ।

ଗାଁ ଲୋକେ, ଅଶିକ୍ଷିତ ଲୋକେ ଓଡ଼ିଆରେ ଚିନ୍ତା କରନ୍ତି । ବାମପନ୍ଥୀ ଚିନ୍ତକଙ୍କ ଭାଷାରେ କହିଲେ ଓଡ଼ିଆ ଭାଷା ହେଲା ଗାଉଁଲୀ, ମଜଦୁର, ଦଳିତ ଓ ଚାଷୀଭାଇର ଭାଷା। ଓଡ଼ିଆ ସେମାନଙ୍କ ରକ୍ତକଣିକାରେ । ସହରରେ ତ ଓଡ଼ିଆ ଅବସ୍ଥା ନ କହିଲେ ଭଲ । ଗାଉଁଲୀ ଲୋକ ମାଛ ଖାଇବା ବେଳେ ଶିକ୍ଷିତ ଓ ସହରୀ ଲୋକେ ଖାଆନ୍ତି ଫିସ୍ ନ ହେଲେ ମଛ୍‌ଲୀ। ଅଶିକ୍ଷିତ ଲୋକେ ଭଲ ପାଆନ୍ତି ବା ସୁଖ ପାଆନ୍ତି । ହେଲେ ଅର୍ଦ୍ଧଶିକ୍ଷିତ ସହରୀ ମଣିଷ ଲଭ୍ କିମ୍ବା ପ୍ୟାର୍ କରେ। ଅର୍ଥାତ ଚିନ୍ତା ଇଂଲିଶ କିମ୍ବା ହିନ୍ଦୀରେ । ଏପରି ଆଚରଣ ଭାଷାର ଉଚ୍ଚାରଣରେ ବେଶି କ୍ଷତି କରେ । ପିଲାଟି ଦିନରୁ ବିଦେଶ ମାଟିରେ ବଢିଥିବା ଅନେକେ ନିଜ ମାତୃଭାଷାରେ କାଳଜୟୀ ସାହିତ୍ୟ ରଚନା କରିଥିବା ବେଳେ କିଛି ଲୋକ ରାଜ୍ୟ ସୀମା ଟପିଲେ ନିଜକୁ ଓଡ଼ିଆ ବୋଲି କହିବାକୁ ଲଜ୍ଜା ଅନୁଭବ କରୁଛନ୍ତି । ଏକଦା ଭାଷାକୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠିତ ହୋଇଥିବା ବେଳେ ଏବେ ପୂର୍ବ ଓ ପଶ୍ଚିମ ଓଡ଼ିଶାର ଭାଷାକୁ ନେଇ ପୁଣିଥରେ ଆଉ ଏକ ନୂତନ ରାଜ୍ୟ ଗଠନ ଦାବି ହେବା ପରିତାପର ବିଷୟ ।

ଆମ ଭାଷା ଏକ ଶାସ୍ତ୍ରୀୟ ଭାଷା । ବିଶ୍ୱର ପ୍ରଥମ କୋଡିଏଟି ଭାଷା ଭିତରେ ଏହା ସ୍ଥାନ ପାଇଛି । ଭାଷାକୁ ନେଇ ଗର୍ବ କରିବା ପାଇଁ ଆମ ପାଖରେ ଅନେକ ଯୁକ୍ତି ଅଛି । ଏ ଭାଷା ମରୁନି ବରଂ ଅନେକ ଉପଭାଷାକୁ ନେଇ ଏହା ଦିନ ପ୍ରତିଦିନ ସମୃଦ୍ଧ ହେବାରେ ଲାଗିଛି । ଏ ସମୟ ଭାଷା ଓ ଉପଭାଷା ଭିତରେ ସମନ୍ୱୟ ତଥା ଏକତା ପାଇଁ ଚିନ୍ତା କରିବାର ବେଳ । ଭାଷା ମରୁଛି ବୋଲି ଯେଉଁମାନେ ଆଖିରୁ ଲୁହ ଗଡ଼ାଉଛନ୍ତି ସେମାନେ ପ୍ରଥମେ ନିଜ ଭାଷାକୁ ନେଇ ନିଜ ଭିତରେ ହୀନମନ୍ୟତା ଓ ଅସୁରକ୍ଷିତ ଭାବନାକୁ ପରିତ୍ୟାଗ କରନ୍ତୁ ।

-ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮


## ପୁସ୍ତକ ସମୀକ୍ଷା

### ଦିବ୍ୟାଲୋକ ସନ୍ଧାନେ

**(ଧର୍ମ, ତତ୍ତ୍ୱ, ଜ୍ଞାନ, ସମ୍ବାଦ ଓ ସଂସ୍କାରମୂଳକ ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକା )**

**ଜାନୁଆରୀ -ମାର୍ଚ୍ଚ ୨୦୨୪ ସଂଖ୍ୟା, ମୂଲ୍ୟ -୩୦ଟଙ୍କା**


**୨୩** ବର୍ଷ ହେଲା ପ୍ରକାଶିତ ହୋଇ ଆସୁଥିବା ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ଚଳିତ ସଂଖ୍ୟାରେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ଡଃ ବିବୁଧ ରଞ୍ଜନ, ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ଡଃ ଛାୟାକାନ୍ତ ଷଡ଼ଙ୍ଗୀ, ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀଙ୍କ ଲୋକପ୍ରିୟ ସ୍ତମ୍ଭ 'ସିଂହଦ୍ୱାର', ଲିଙ୍ଗରାଜ ମହାନ୍ତିଙ୍କ ଧାରାବାହିକ ଭାଗବତ କଥା, ଅନ୍ତର୍ଜାତୀୟ ବାସ୍ତୁବିତ ଡଃ ମନୋଜ ଲେଙ୍କା, ହରିହର ତ୍ରିପାଠୀ, ଛନ୍ଦା ମିଶ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଆଦି ବହୁ ପ୍ରତିଷ୍ଠିତ ବିଦ୍ୱାନଙ୍କ ଲେଖା ସ୍ଥାନିତ । ଏତଦ ବ୍ୟତୀତ ଜ୍ୟୋତିଷ ବିଚାର, ସମସ୍ୟା.. ସମାଧାନ, ଘରେ ଠାକୁରଙ୍କୁ କିପରି ରଖିବ ଆଦି ବହୁ ଉପାଦେୟ ତଥ୍ୟ ଏଥିରେ ସନ୍ନିବେଶିତ ହୋଇଛି । ଧର୍ମପ୍ରିୟ ବ୍ୟକ୍ତି ମାନଙ୍କ ପାଇଁ ଚଳିତ ସଂଖ୍ୟାଟି ଅବଶ୍ୟ ସଂଗ୍ରହଣୀୟ ।




### ରକ୍ତ ତର୍ପଣ

**ଭାନୁମତୀ ସାହୁ, ପ୍ରକାଶକ- କିତାବ ଭବନ ଆଇଆରସି ଭିଲେଜ, ଭୁବନେଶ୍ୱର, ମୂଲ୍ୟ-୧୬୨ଟଙ୍କା**


**ଭାନୁମତୀ** ସାହୁଙ୍କ ଉପନ୍ୟାସ ସବୁବେଳେ ସ୍ୱତନ୍ତ୍ର ଆଉ ନିଆରା । 'ରକ୍ତ ତର୍ପଣ' ଉପନ୍ୟାସରେ ଅଣନିଃଶ୍ୱାସୀ ହୋଇପଡେ କେହି ନିଷ୍ଠୁର ଘଟଣାର ସ୍ମୃତି ଚାରଣରେ । ଇଚ୍ଛାହୁଏ ଜୀବନ୍ତ କରି ତୋଳିବାକୁ ସେହି ଘଟଣାଗୁଡିକୁ। ଉପନ୍ୟାସର ନାୟିକା ରାଧା ଓ ତାର କନ୍ୟାମାନେ କ୍ଷମାର ପଦଚିହ୍ନରେ ଉପନୀତ ହୋଇ କ୍ଷମା କରିଛନ୍ତି ହତ୍ୟାକାରୀଙ୍କୁ। ଯେଉଁମାନେ ବିକୃତ ତୃଷ୍ଣାର ବଶବର୍ତ୍ତୀ ହୋଇ ଗୋପାଳଙ୍କ ଜଳ ତର୍ପଣକୁ ପରିବର୍ତ୍ତନ କରି ଦେଇଥିଲେ ରକ୍ତ ତର୍ପଣରେ । ରକ୍ତପାତ, ପ୍ରତିଶୋଧର ବହ୍ନିରେ ଆକ୍ରାନ୍ତ ନ ହୋଇ ଶାନ୍ତି, ମୈତ୍ରୀ, ଅହିଂସା ଓ ତ୍ୟାଗର ବାର୍ତ୍ତା ଭରିଯାଉ ପ୍ରତ୍ୟେକଙ୍କ ମନରେ। ଏଥିରେ ଜଣେ ନାରୀର ମର୍ମନ୍ତୁଦ କାହାଣୀ ଅଛି ଯାହା ପାଠକଙ୍କ ମନକୁ ସ୍ପର୍ଶ କରିବ ନିଶ୍ଚୟ।




### ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀ ଜଗନ୍ନାଥ

**ସଂକଳକ ଓ ସମ୍ପାଦନା ପୀତବାସ ରାଉତରାୟ, ପ୍ରକାଶକ ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨, ମୂଲ୍ୟ-୨୦୦ଙ୍କା**

**ପୁସ୍ତକରେ** ୮ଟି ବିଷୟ ରହିଛି, ଯାହାକୁ ଲେଖିଛନ୍ତି ମୁଖ୍ୟ ପ୍ରଶାସକ, ପ୍ରଶାସକ, ସହକାରୀ ପ୍ରଶାସକ ଓ ଉପ ପ୍ରଶାସକ ମାନେ । ଏମାନେ ତାଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀମନ୍ଦିର ସହିତ ଜଡିତ ରହି ଅନକେ ଅଲୌକିକ ଅନୁଭୂତି ଅଙ୍ଗେ ନିଭାଇଥାନ୍ତି। ଯାହା ସେମାନେ ଶେଷ ପର୍ଯ୍ୟନ୍ତ ଭୁଲି ପାରନ୍ତି ନାହିଁ। ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଚିତ୍ର, ବିସ୍ମୟ ଓ ଅବୋଧ ରହସ୍ୟ । ତାଙ୍କ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟରେ, ରୂପରେ, ରୀତିନୀତିରେ, ବେଶଭୂଷାରେ ତଥା ପୂଜା ପଦ୍ଧତିରେ ଅନେକ ଗୂଢ଼ ରହସ୍ୟ ଓ ମହାନ ତଥ୍ୟ ରହିଛି। ଯାହାକୁ ତାଙ୍କ ଲେଖା ମାଧ୍ୟମରେ ପ୍ରଶାସକମାନେ ବର୍ଣ୍ଣନା କରିଛନ୍ତି । ଏଭଳି ଅନୁଭୂତିରେ ପରିପୂର୍ଣ୍ଣ ଏହି ପୁସ୍ତକଟି ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ ।



ବ୍ୟାକ୍ ପେଜ୍

# ଗିଟାର ବଜାଇ ପଛୁଆ ଚଲାଇଲେ ସାଇକେଲ

ସାଇକେଲ ଚଲାଇବା କାହାକୁ ବା ଭଲ ନ ଲାଗେ । ଅନେକେ ତ ସାଇକେଲକୁ ବିଭିନ୍ନ ଭଙ୍ଗିରେ ବି ଚଲାନ୍ତି । ଯେମିତି କି କିଏ ହାତ ଛାଡି ଚଲାନ୍ତି ତ କେହି କେହି ପଛୁଆ ଚଲାନ୍ତି । ତେବେ ଏଭଳି ଭାବେ ସାଇକେଲ ଚଲାଇ ବେଶି ବାଟ ଯାଇ ହୋଇ ନ ଥାଏ । କିନ୍ତୁ ସୁଇଜରଲାଣ୍ଡର କ୍ରିଷ୍ଟିଆନ ଆଡାମ ନାମକ ଜଣେ ବ୍ୟକ୍ତି ସାଇକେଲକୁ ବ୍ୟାକ୍‌ୱାର୍ଡ ବା ପଛୁଆ ଚଲାଇବା ସହ ଭାଓଲିନ୍ ବଜାଇ ବଜାଇ ୬୦.୪୫ କି.ମି. ଯାତ୍ରା କରିଥିଲେ । ତାଙ୍କ ସାଇକେଲଟି ଥିଲା ଏକ ସାଧାରଣ ସାଇକେଲ ।




ଖାଲି ଯାହା ଏହାର ସିଟ୍‌କୁ ସେ ମ୍ୟୁଜିକ୍ ଷ୍ଟାଣ୍ଡରେ ରୂପାନ୍ତର କରିଦେଇଥିଲେ । କ୍ରିଷ୍ଟିଆନ ସାଇକେଲର ହ୍ୟାଣ୍ଡେଲ ଉପରେ ବସି ସିଟ୍‌ରେ ଥିବା ମୁଜିକ୍ ନୋଟ୍‌କୁ ଦେଖି ଦୁଇ ହାତରେ ଭାଓଲିନ୍‌ର ଧୂନ ବଜାଇ ବଜାଇ ବେଶ ଆରାମରେ ପଛୁଆ ସାଇକେଲ ଚଲାଉଥିଲେ । ଆଉ ଏମିତି ଭାବରେ ସେ ୬୦ରୁ ଊର୍ଦ୍ଧ୍ୱ କି.ମି. ଚଲାଇବାରେ ସକ୍ଷମ ହୋଇଥିଲେ । ଏହି କାମ ତାଙ୍କ ପାଇଁ ଆଦୌ ସହଜ ନ ଥିଲା । ସେ ରାସ୍ତା ଦେଖିପାରୁ ନ ଥିଲେ । ତେଣୁ ସେଠାକାର ମେୟର ତାଙ୍କୁ ରାସ୍ତା ସମ୍ପର୍କରେ ବିବରଣୀ ଦେଉଥିଲେ । ଏମିତିଭାବେ ସେ ରାସ୍ତା ନ ଦେଖି ଭାଓଲିନ୍ ବଜାଇ ବଜାଇ ପଛୁଆ ସାଇକେଲ ଚଲାଇ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇବାରେ ସକ୍ଷମ ହେଲେ ।




# ଉଡ଼ନ୍ତା ମାଛ

'ମଛଲି ଜଲ କି ରାନୀ ହୈ ଜୀବନ ଉସ୍‌କା ପାନି ହୈ' ଅର୍ଥାତ୍ ମାଛର ଜୀବନ ପାଣି ବୋଲି ସମସ୍ତେ ଜାଣନ୍ତି । ହେଲେ ପ୍ରକୃତି କୋଳରେ ଏମିତି ବି ଏକ ମାଛ ଅଛି, ଯାହାକୁ ଏକ ଆଶ୍ଚର୍ଯ୍ୟ ବୋଲି କହିଲେ ଭୁଲ ହେବ ନାହିଁ । କାରଣ ଉକ୍ତ ମାଛଟି ଚଢେଇ ପରି କିଛି ଦୂର ପର୍ଯ୍ୟନ୍ତ ଉଡିପାରେ । ବିଶ୍ୱାସ ନ ଲାଗିଲେ ବି କଥାଟି ସତ । ଆଉ ଏଇ ମାଛର ନାଁ ହେଉଛି 'ଫ୍ଲାଇଂ ଫିଶ୍' । ଏହି ମାଛର ଡେଣା ଅନ୍ୟ ମାଛ ପରି ନୁହେଁ । ବରଂ ଏହାର ଡେଣାଗୁଡିକ କିଛିଟା ଚଢେଇର ଡେଣା ପରି । ସେଥିପାଇଁ ଏହା ଉଡିବାରେ ସକ୍ଷମ ହୋଇଥାଏ । ମାଛଟି ନିଜର ସବୁ ବଳ ଲଗାଇ ଜଳରୁ ଡେଇଁ ପାରେ ଓ ଏହି ଅବସ୍ଥାରେ ତା'ର ସ୍ୱତନ୍ତ୍ର ଡେଣା ତାକୁ କିଛି ଦୂର ପର୍ଯ୍ୟନ୍ତ ଉଡିବାରେ ସାହାଯ୍ୟ କରେ । ଏମିତିକି ଏହା ପାଣିଠାରୁ ୬୫୦ ଫୁଟ ଉପରେ ଉଡ଼ିପାରେ । ଉଡ଼ାଣ ଭରିବା ପୂର୍ବରୁ ଏକ ସେକେଣ୍ଡରେ ପ୍ରାୟ ୭୦ ଥର ସେ ନିଜ ଲାଞ୍ଜକୁ ଖୁବ୍ ଜୋର୍‌ରେ ଫଡ଼ଫଡ଼ କରିଥାଏ । ଆଉ ଡେଣାକୁ ଶରୀର ଆଡକୁ ରଖିଥାଏ । ପାଣିରୁ ବାହାରିବା ପରେ ହିଁ ସେ ଡେଣାକୁ ମେଲାଇଥାଏ ଓ ଉଡ଼ିଥାଏ । ଖାସ୍‌କରି ପାଣି ଭିତରର ପରଭକ୍ଷୀଙ୍କଠାରୁ ରକ୍ଷା ପାଇବା ପାଇଁ ସେ ଉଡ଼ିଥାଏ । ଏହି ମାଛର ଲମ୍ବ ୧୫ ସେ.ମି.ରୁ ୫୧ ସେ.ମି. ପର୍ଯ୍ୟନ୍ତ ହୋଇପାରେ । ଏମାନଙ୍କ ଓଜନ ୯୦୦ ଗ୍ରାମ ପର୍ଯ୍ୟନ୍ତ ରହେ । ଏହାର ୬୪ଟି ପ୍ରଜାତି ଅଛନ୍ତି ।





# ମିଶରର ରହସ୍ୟମୟ ମୂର୍ତ୍ତି



ଆଧୁନିକ ମିଶରର ଲକ୍ସର ସହର ସାମ୍‌ନାରେ ନୀଳନଦୀର ପଶ୍ଚିମ ତଟରେ ଦୁଇଟି ବିଶାଳ ମୂର୍ତ୍ତି ଦେଖିବାକୁ ମିଳେ । ଯାହା 'କୋଲୋସି ଅଫ୍ ମେମନୋନ' ନାମରେ ବେଶ୍ ପରିଚିତ । ପ୍ରାୟ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ରହସ୍ୟମୟ ମୂର୍ତ୍ତି ପ୍ରାଚୀନ ମିଶରର ଫିରୌନ ବା ରାଜା ଅମେନହୋଟେପ ତୃତୀୟଙ୍କର ଅଟେ । ଏହି ଷ୍ଟାଚ୍ୟୁଦ୍ୱୟ 'ସିଙ୍ଗିଂ ଷ୍ଟାଚ୍ୟୁ'ଭାବେ ବେଶ ଜଣାଶୁଣା । ଏଭଳି ନାମକରଣ ପଛର କାରଣ ହେଉଛି– କୁହାଯାଏ ପ୍ରତିଦିନ ସକାଳେ ସୂର୍ଯ୍ୟ କିରଣ ଏହି ମୂର୍ତ୍ତି ଉପରେ ପଡ଼ିଲେ ସେଥିରୁ ସଙ୍ଗୀତର ମଧୁର ଧୂନ ବାହାରୁଥିଲା । ଖ୍ରୀ.ପୂ ୧୩୫୦ରେ ତିଆରି ଏହି ମୂର୍ତ୍ତି ପୂର୍ବେ ଏକ ମନ୍ଦିର ସମ୍ମୁଖରେ ଥିଲା । ହେଲେ ଖ୍ରୀ.ପୂ.୧୨୦୦ରେ ଏକ ଭୂମିକମ୍ପ ହୋଇ ମନ୍ଦିର ସହ ମୂର୍ତ୍ତି କ୍ଷତିଗ୍ରସ୍ତ ହେଲା । ଖ୍ରୀ.ପୂ. ୨୭ରେ ଆଉ ଏକ ଭୂମିକମ୍ପ ଆସିଥିଲା । ଯଦ୍ୱାରା ମନ୍ଦିର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ମୂର୍ତ୍ତି ଦୁଇଟି ବହୁତ ମାତ୍ରାରେ କ୍ଷତିଗ୍ରସ୍ତ ହେଲା । କୁହାଯାଏ ମୂର୍ତ୍ତି କ୍ଷତିଗ୍ରସ୍ତ ହେବା ପରେ ମୂର୍ତ୍ତିର ଭଗ୍ନ ଅଂଶରୁ ଅଜବ ସଙ୍ଗୀତମୟ ଧ୍ୱନୀ ଆସିବାକୁ ଲାଗିଲା, ଯାହାକି ଖାସ୍‌କରି ସୂର୍ଯ୍ୟୋଦୟ ସମୟରେ ହେଉଥିଲା । ତେଣୁ ଏହାର ଧ୍ୱନୀ ଶୁଣି ହିଁ ଏହାର ନାମ 'ମେମନୋନ' ରଖାଯାଇଥିଲା । ଉକ୍ତ ସିଙ୍ଗିଂ ଷ୍ଟାଚ୍ୟୁର ସର୍ବପ୍ରଥମ ଲିଖିତ ସନ୍ଦର୍ଭ ଗ୍ରୀକ୍ ଇତିହାସକାର ଓ ଭୂତତ୍ତ୍ୱବିତ୍ତ ଷ୍ଟ୍ରେବୋଙ୍କଠାରୁ ମିଳିଛି । ସେ ଖ୍ରୀ.ପୂ. ୨୦ରେ ଏଠାକୁ କରିଥିବା ଯାତ୍ରା ସମୟରେ ମୂର୍ତ୍ତିରୁ ଧ୍ୱନୀ ନିସୃତ ହେଉଥିବା ଶୁଣିଥିଲେ । ଏହାବାଦ ଗ୍ରୀକ୍ ୟୁନାନୀ ତଥା ଭୂତତ୍ତ୍ୱବିତ୍ତ ପାଂସାନିୟାସ ଏହି ଧ୍ୱନୀକୁ ବୀଣାର ତାର ଛିଣ୍ଡିବା ଶବ୍ଦ ସହ ତୁଳନା କରିଛନ୍ତି ।